ସାପ୍ତାହିକ
# ସ୍ୱୀକାର
The Sweekar स्वीकार
www.sweekarweekly.com
Postal Regd. No.: SBP/RN-01/2022-2024
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94
Vol.26 | Issue - 47 | 20 - 26 November 2022 | Sambalpur | Page- 8 | Invitation Price Rs.10

## ଭିସୁଟ୍‌ରେ ଦୁଇଦିନିଆ ଜାତୀୟ ସମାବେଶ

ବୁର୍ଲା : ବୁର୍ଲା ବୀରସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) ଇ-ଲର୍ଣ୍ଣି ସେଣ୍ଟର୍‌ରେ ଦୁଇଦିନିଆ ଓଡ଼ିଶା ରସାୟନ ସଂସ୍ଥାନର ୨୬ ତମ ଆଞ୍ଚଳିକ ସମାବେଶ ଏବଂ ବାସ୍ତୁ ବିଜ୍ଞାନର ଅଗ୍ରଗତି ବିଷୟରେ ୭ମ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇ ଅଛି । ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡକ୍ଟର ବଂଶୀଧର ମାଝୀ



ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ । ଓଡ଼ିଶା ରସାୟନ ସଂସ୍ଥାନର ସଭାପତି ପ୍ରଫେସର ସୁରେନ୍ଦ୍ର ନାଥ ମହାନ୍ତି, ସମ୍ପାଦକ ଡକ୍ଟର ଦେବାଶିଷ ମହାନ୍ତି, ବିଭାଗୀୟ ମୁଖ୍ୟ ପ୍ରଫେସର ପ୍ରିୟରଞ୍ଜନ ମହାପାତ୍ର, ଆବାହକ ଡକ୍ଟର ଅରୁଣ କୁମାର ବାରିକ ଓ କାର୍ଯ୍ୟକାରୀ ସମ୍ପାଦକ ଡକ୍ଟର ବିଜ୍ଞାନ ଜାଲି ମଞ୍ଚାସୀନ ଥିଲେ । ଏ ଅବସରରେ ଶରତ ଚନ୍ଦ୍ର ବିଜ୍ଞାନ ଉଦ୍ଭାବନ ପୁରସ୍କାର-୨୦୨୨ ପୁରସ୍କାର ବୁଢ଼ାରାଜା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁମିତା ପତ୍ରୀଙ୍କୁ ପ୍ରଦାନ କରାଯାଇଥିଲା ।

ଏହି ଦୁଇଦିନିଆ ଜାତୀୟ ସମ୍ମିଳନୀରେ ସାରା ଭାରତରୁ ବହୁ ପ୍ରତିଷ୍ଠିତ ବ୍ୟକ୍ତି ଓ ଗବେଷକଙ୍କ ମଧ୍ୟରେ ପ୍ରଫେସର ତାରାଶଙ୍କର ପାଲ୍, ପ୍ରଫେସର ସାବୁ ଥୋମାସ୍, ପ୍ରଫେସର କଲ୍ଲୋଲ ଘୋଷ୍, ପ୍ରଫେସର ଚନ୍ଦନା ରଥ, ପ୍ରଫେସର ସୁରେଶ ସୁନ୍ଦରମୂର୍ତ୍ତି, ଡ. ଶିବଶଙ୍କର, ପ୍ରଫେସର ମନୋରଞ୍ଜନ କର, ଡ. ଲିଙ୍ଗରାଜ ବେଶ୍ରା, ଡ. ପ୍ରିୟବ୍ରତ ମହାପାତ୍ର, ଡ. ସସ୍ମିତା ମହାପାତ୍ର, ଡ. ମନୋଜ ସାହୁ, ବସ୍ତୁ ବିଜ୍ଞାନର ବିଭିନ୍ନ ବିଷୟ ଉପରେ ତାଙ୍କ ସନ୍ଦର୍ଭ ଉପସ୍ଥାପନ କରିଥିଲେ ।

## ପଦ୍ମପୁର ଉପନିର୍ବାଚନ ପାଇଁ ୧୧ ପ୍ରାର୍ଥୀପତ୍ର କାଏମ

ପଦ୍ମପୁର: ପଦ୍ମପୁର ଉପନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଯାଞ୍ଚ ଶେଷ ହୋଇଛି । ଯାଞ୍ଚ ପ୍ରକ୍ରିୟାରେ ୨ ସ୍ୱାଧୀନ ପ୍ରାର୍ଥୀ ଜୟନ୍ତ ଥପା ଏବଂ ଦେବଦତ୍ତ ସୁନାନୀଙ୍କ ପ୍ରାର୍ଥୀପତ୍ର ରଦ୍ଦ ହୋଇଛି । ଅନ୍ୟ ୧୧ଜଣଙ୍କ ପ୍ରାର୍ଥୀ ପତ୍ର କାଏମ ରହିଛି । ସେମାନଙ୍କ ମଧ୍ୟରେ ଭାଜପାର ପ୍ରଦୀପ ପୁରୋହିତ, ବିଜେଡ଼ିର ବର୍ଷା ସିଂ ବରିହା, କଂଗ୍ରେସର ସତ୍ୟଭୂଷଣ ସାହୁ, ଅଖିଳ ଭାରତ ହିନ୍ଦୁ ମହାସଭାର ବିଦ୍ୟାଧର ପାଣ୍ଡବ, ଓଡ଼ିଶା ପାର୍ଟିର ମୁକ୍ତେଶ୍ୱର ଦାଶ ଏବଂ ଅନ୍ୟ ୬ ସ୍ୱାଧୀନ ପ୍ରାର୍ଥୀ ଉଦିତ ବୋନ୍ଦିଆ, ଗଙ୍ଗାଧର ଶାହା, ଦେବାର୍ଜନ ନାଏକ, ବୃନ୍ଦାବନ ପୁରୋହିତ, ରେବତୀ ଗିରି, ଶେଷଦେବ ସାହୁ ରହିଛନ୍ତି । ପଦ୍ମପୁର ଉପଜିଲାପାଳଙ୍କ ଅଫିସ ପରିସରରେ ଅନୁଷ୍ଠିତ ଯାଞ୍ଚ ପ୍ରକ୍ରିୟାରେ ରିଟର୍ନିଂ ଅଫିସର ତ୍ରିଲୋଚନ ପାତ୍ରଙ୍କ ସମେତ ଅନ୍ୟ ଅଧିକାରୀ ' ଉପସ୍ଥିତ ଥିଲେ । ଆସନ୍ତା ୨୧ତାରିଖ ଅପରାହ୍ନ ୩ଟା ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର ଅବଧି ରହିଥିବାବେଳେ ଡିସେମ୍ବର ୫ରେ ଭୋଟ୍ ଗ୍ରହଣ ଓ ୮ ତାରିଖ ଦିନ ଭୋଟ ଗଣତି ହେବ ।

### ବିଜେଡି ଓ ବିଜେପିର ଧୂଆଁଧାର ପ୍ରଚାର

ପ୍ରାର୍ଥୀପତ୍ର ଯାଞ୍ଚ ପରେ ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀମାନଙ୍କର ପ୍ରଚାର ଜୋର ଧରିବାରେ ଲାଗିଛି । ଭାଜପା ଏବଂ ବିଜେଡି ପ୍ରଚାରରେ ଲାଗି ପଡିଥିବା ବେଳେ କଂଗ୍ରେସ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ନେଇ ବୈଠକ କରୁଛି ଏବଂ କଂଗ୍ରେସ ଦଳ ମଧ ନିର୍ବାଚନ ରଣ ପ୍ରସ୍ତୁତି ଆରମ୍ଭ କରି ଦେଇଛି । ବିଜେଡର ପ୍ରାର୍ଥୀ ବର୍ଷା ସିଂ ବରିହା ଏବଂ ଭାଜପାର ପ୍ରାର୍ଥୀ ପ୍ରଦୀପ ପୁରୋହିତ ଏବଂ କଂଗ୍ରେସର ପ୍ରାର୍ଥୀ ସତ୍ୟ ଭୂଷଣ ସାହୁ ଗାଁ ଗାଁ ବୁଲି ଲୋକମାନଙ୍କୁ ଭେଟି ତାଙ୍କ ସପକ୍ଷରେ ଭୋଟ୍ ଦେବାକୁ ନିବେଦନ କରୁଛନ୍ତି । ପ୍ରାର୍ଥୀମାନଙ୍କ ସହ ଦଳୀୟ ନେତୃବୃନ୍ଦ ଏବଂ କର୍ମୀମାନେ ମଧ ଯାଉଛନ୍ତି । ବିଜେଡି ଓ ବିଜେପି ପକ୍ଷରୁ ପ୍ରଚାର ଜୋରଦାର ଚାଲିଛି । ନିର୍ବାଚନ ଘୋଷଣା ହେବାପରେ ବିଜେଡିର ନେତା ଓ କର୍ମୀମାନେ ପଞ୍ଚାୟତ ଠାରୁ ଆରମ୍ଭ କରି ବ୍ଲକ ଓ ସହରରେ ଆସ୍ଥାନ ଜମାଇ ପ୍ରଚାର କରୁଛନ୍ତି । ଧାମନଗର ଉପ ନିର୍ବାଚନରେ ବିଜେଡି ପ୍ରାର୍ଥୀଙ୍କ ପରାଜୟ ପରେ ଦଳ ଏହାକୁ ସମ୍ମାନ ରୂପେ ଗ୍ରହଣ କରି ଦଳୀୟ ପ୍ରାର୍ଥୀ ଯେପରି ବିଜୟୀ ହେବେ ସେଥିପାଇଁ ସମସ୍ତ ପ୍ରକାର କୌଶଳ ଅବଲମ୍ବନ କରୁଛି । ସେହିପରି ଏହି ଆସନକୁ ବିଜେଡିରୁ ଛଡାଇ ନେବା ପାଇଁ ବିଜେପି ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଛି । ଏହି ଦଳର ନେତାମାନେ ମଧ ସମଗ୍ର ନିର୍ବାଚନ ମଣ୍ଡଳୀରେ ଛାଇ ହୋଇ ଯାଇ ଧୂଆଁଧାର ପ୍ରଚାର ଚଳାଇଛନ୍ତି । ନିର୍ବାଚନ ମଣ୍ଡଳୀରେ ନେତାମାନଙ୍କର ଏପରି ଭିଡ଼ ହୋଇଛି ଯେ, କୌଣସି ସ୍ଥାନରେ ହୋଟେଲ କିମ୍ବା ସାଧାରଣ ଲୋକଙ୍କ ଘର ମଧ ଭଡ଼ାରେ ମିଳୁନାହିଁ । ତେଣୁ କେତେକ ନେତା ବାଧ ହୋଇ ନିର୍ବାଚନ ମଣ୍ଡଳୀ ବାହାରେ ଘର ଭଡ଼ା ନେଇ ରହୁଛନ୍ତି ।

## ଆଇଆଇଏମ୍‌ର ବାଣିଜ୍ୟ ସମାବେଶ ମର୍ମଜ୍ଞ - ୭.୦





ବୁର୍ଲା : ଆଇଆଇଏମ୍ ସମ୍ବଲପୁରର ବାର୍ଷିକ ବାଣିଜ୍ୟ ସମାବେଶର ସପ୍ତମ ସଂସ୍କରଣ 'ମର୍ମଜ୍ଞ ୭.୦ ଅନୁଷ୍ଠିତ ହୋଇଯାଇଛି । ବ୍ୟବସାୟର ନୂଆ ସ୍ୱରୂପକୁ ବୁଝିବା ଓ ତା'ର ପୁନଃବ୍ୟାଖ୍ୟାନ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ ଉତ୍ସବରେ ଚତୁର୍ଦ୍ଦଶ ଅର୍ଥ ଆୟୋଗର ସଦସ୍ୟ ଡକ୍ଟର ଏମ୍ ଗୋବିନ୍ଦ ରାଓ ମୁଖ୍ୟ ଅତିଥି, ଇଡିଗିକ୍ଲାଉଡ୍ ଟେକ୍‌ନୋଲଜିର ସିଏଫ୍‌ଓ ଡକ୍ଟର ସନ୍ତୋଷ ଫୁଲପାଗର ମୁଖ୍ୟବକ୍ତା, ହିଣ୍ଡାଲ୍‌କୋର ଉପସଭାପତି (ନିର୍ମାଣ) ଦେବାଶିଷ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ଏମ୍.ପି ଜୟସ୍ୱାଲ ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ, ବ୍ୟବସାୟର ଗତିଶୀଳତାକୁ ପୁନଃପରିଭାଷିତ କରିବା ଏହି - କାର୍ଯ୍ୟକ୍ରମର ଉଦ୍ଦେଶ୍ୟ । କାରଣ ବ୍ୟବସାୟ ପରିବର୍ତ୍ତନଶୀଳ। ଭାରତୀୟ ଅର୍ଥନୀତିରେ ବି ନିରନ୍ତର ପରିବର୍ତ୍ତନ ଘଟି ଚାଲିଛି । ଆମେ ବିଶ୍ୱର ଶ୍ରେଷ୍ଠ ୫ ଅର୍ଥନୀତିରେ ସାମିଲ ହୋଇ ସାରିଛୁ । ଆମକୁ ଶୀଘ୍ର ଶ୍ରେଷ୍ଠ ୩ ମଧ୍ୟରେ ସ୍ଥାନ ପାଇବାକୁ ଅଛି । ବ୍ୟବସାୟିକ ବିଶ୍ୱର ଦ୍ରୁତ ଡିଜିଟାଇଜେସନ୍ ହେଉଛି । ନିର୍ମାଣ ଶିଳ୍ପ ଖୁବ୍ କ୍ଷୀପ୍ର ଗତିରେ ଡିଜିଟାଇଜ୍ ହେଉଛି । ଏହାଫଳରେ ବିଶ୍ୱରେ ପ୍ରତିଯୋଗିତା ବଢୁଛି ଓ ଜୀବନଧାରଣ ଏକ ଆହ୍ୱାନ ପାଲଟିଛି । ଏଥିରେ ତିଷ୍ଠିବା କଷ୍ଟକର ହୋଇ ପଡ଼ିଛି । ତେଣୁ ତିଷ୍ଠି ପାରିବା ଭଳି ଦୀର୍ଘସ୍ଥାୟୀ ବ୍ୟବସାୟ ବର୍ତ୍ତମାନ ସମୟର ଆବଶ୍ୟକତା ହୋଇ ପଡ଼ିଛି ବୋଲି ପ୍ରଫେସର ଜୟସ୍ୱାଲ କହିଥିଲେ । ପରବର୍ତ୍ତୀ ଅଧିବେଶନରେ 'ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଓ ମେସିନ୍ ଲାର୍ଣ୍ଣିଂ ଥ୍ରେଟ୍ ଟୁ କନ୍‌ସଲଟା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଦ୍ୱିତୀୟ ଦିନରେ 'ସେଲ୍ଫ ରିଲାଏନ୍ସ ଆଣ୍ଡ ସସଟେନାବିଲିଟି ଅଫ୍ ବିଜ୍ନେସ୍ ଇନ୍ ଦି ଏଜ୍ ଅଫ୍ ଗ୍ଲୋବାଲାଇଜେସନ୍' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ସିମ୍ଫାକାର୍ଟସର ପ୍ରତିଷ୍ଠାତା ଓ ସିଇଓ ମନଦୀପ କୌର ଟାଙ୍ଗରା, ଆଦିତ୍ୟ ବିର୍ଲାର ଏ ଧନଞ୍ଜୟ, ଡାଲମିଆ ସିମେଣ୍ଟର ସତୀଶ କୁମାର, ବିଓଡ କନ୍‌ସଲ୍‌ର ସିଦ୍ଧାର୍ଥ ବାଲାକ୍ରିଷ୍ଣ, ଏସ୍‌ଏଲ୍ ଗ୍ରୁପ୍‌ର ପୂର୍ବତନ ନୀତି ନିର୍ଦ୍ଧାରଣ ଅଧିକାରୀ ସୁପ୍ରିୟୋ ସିହ୍ନା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ।

## ଝାରସୁଗୁଡ଼ାରେ ଜିଲ୍ଲାପାଠାଗାର ଓ ସଂସ୍କୃତି ଭବନ ଉଦ୍‌ଘାଟିତ

ଝାରସୁଗୁଡ଼ା : ଜିଲ୍ଲା ପାଠାଗାର ତଥା ଜିଲ୍ଲା ସଂସ୍କୃତି ଭବନକୁ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଡକ୍ଟର ସୁରେଶ ଚନ୍ଦ୍ର ଦଲାଇ ଉଦଘାଟନ କରିଛନ୍ତି । ଝାରସୁଗୁଡ଼ା ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ



ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜସ୍ୱ ଆୟୁକ୍ତ ଡକ୍ଟର ଦଲାଇ ଜିଲ୍ଲା ସାଂସ୍କୃତିକ ମହୋତ୍ସବ 'ଦୁଲ୍‌ଦୁଲି'ର ୨୦୨୨ ମସିହା ସଂସ୍କରଣକୁ ମଧ ଉନ୍ମୋଚନ କରିଥିଲେ । ଉତ୍ସବରେ ଜିଲ୍ଲାପାଳ ସରୋଜ କୁମାର ସାମଲ ମଧ ଉପସ୍ଥିତ ଥିଲେ । ଏହି ଅବସରରେ ଆୟୋଜିତ ସଭାରେ ଅଧାପିକା ଡକ୍ଟର ସ୍ୱର୍ଣ୍ଣମୟୀ ପୁରୋହିତ ସଂଯୋଜନା କରିଥିଲେ । ବିଜୁନଗର ଅଭିନବ ଗୌରାଙ୍ଗ କଳା ପରିଷଦର କଳାକାର ମାନଙ୍କ ଦ୍ୱାରା କବି ଗଙ୍ଗାଧର ମେହେରଙ୍କ କବିତାକୁ ନେଇ ସଂଗୀତ ପରିବେଷଣ କରାଯାଇଥିଲା । ଏଥିସହ ଭଜନ ସଂଧ୍ୟାର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସାଙ୍ଗକୁ ସନ୍ଧ୍ୟାରେ କବିତା ପାଠୋତ୍ସବ ଏକ ମନୋଜ୍ଞ ପରିବେଶରେ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ଅଞ୍ଚଳର ବହୁ କବି ଏବଂ କବିୟତ୍ରୀ ସ୍ୱରଚିତ କବିତା ଆବୃତ୍ତି କରିଥିଲେ । 'ଦୁଲ୍‌ଦୁଲି' ସ୍ମରଣିକା ସଂପାଦନା ମଣ୍ଡଳୀର ସମସ୍ତ ସଦସ୍ୟଙ୍କୁ ମୁଖ୍ୟ ଅତିଥି ମାନପତ୍ର ଏବଂ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ।

## ସମ୍ବଲପୁର ଲୋକ ମହୋତ୍ସବ ଜାନୁୟାରୀ ୧୧ ରୁ ୧୬



ସମ୍ବଲପୁର: ଅଇଁଠାପାଲି ପିଏଚଡି ପଡ଼ିଆଠାରେ ଲୋକ ମହୋତ୍ସବ ୨୦୨୩ ଜାନୁୟାରୀ ୧୧ରୁ ୧୬ ମଧ୍ୟରେ ଅନୁଷ୍ଠିତ ହେବ । ଏହାଛଡା ପଲିଶ୍ରୀ ମେଳା ମଧ ଅନୁଷ୍ଠିତ ହେବ । ଜିଲାପାଳ ଅନନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ପୂର୍ବ ବର୍ଷ ମାନଙ୍କରେ ବିଭିନ୍ନ କମିଟିରେ ଜଡିତ ଥିବା ବ୍ୟକ୍ତିବିଶେଷ, କଳାକାର, ସାଧାରଣ ଜନତା, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଉପସ୍ଥିତ ରହିଥିଲେ । ମହୋତ୍ସବ ପରିଚାଳନା ନିମନ୍ତେ ମୁଖ୍ୟ ନୋଡାଲ ଅଧିକାରୀ, କୋଅର୍ଡିନେଟର, କନଭେନର ଓ ସବ୍ କମିଟି ନିମନ୍ତେ ନୋଡାଲ ଅଧିକାରୀ ନିଯୁକ୍ତି କରାଯିବ । ଆଞ୍ଚଳିକ ଲୋକକଳାକୁ ପ୍ରୋତ୍ସାହିତ କରିବା ସହ, ହେଲ୍ପ ଡେସ୍କ, ପଡିଆ ପ୍ରସ୍ତୁତି ଡ୍ରେନେଜ ସୁବିଧା ଇତ୍ୟାଦି ବିଷୟରେ ବୈଠକରେ ପ୍ରସ୍ତାବ ଦିଆଯାଇଛି । ପ୍ରତି ବ୍ଲକର ଶ୍ରେଷ୍ଠ କଳାକାରଙ୍କୁ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ସୁଯୋଗ ଦିଆଯିବ ବୋଲି ଜିଲାପାଳ କହିଛନ୍ତି । ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ମୁଖ୍ୟ ଉନ୍ନୟନ ଅଧିକାରୀ ଦିଲୀପ କୁମାର ବଳ, ସମ୍ବଲପୁର ମହାନଗର ନିଗମ କମିଶନର ପ୍ରଦୀପ ସାହୁ, ସଦର ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଅତିରିକ୍ତ ଏସ୍‌.ପି ତପନ ମହାନ୍ତି, ଜିଲା ସଂସ୍କୃତି ଅଧିକାରୀ ଦୀପକ କୁଲୁ, ଜିଲା ଓ ଲୋକ ସମ୍ପର୍କ ଅଧିକାରୀ ଫକୀର ମୋହନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଏ ସଂଖ୍ୟାରେ..


ମହାପ୍ରସାଦ


ଲାଭକାରୀ ସୋୟାବିନ୍


ଆୟୁର୍ବେଦୀୟ ଗୁଣରେ ଭରପୁର୍ କାକୁଡି


ବାସିରୁଟିର ଲାଭକାରୀ ଗୁଣ


ଶରୀର ପାଇଁ ଲାଭଦାୟକ ବିଟ୍


ସୋରିଷର ଉପକାରିତା

# ମହାପ୍ରସାଦ

ସମସ୍ତ ଦେବମନ୍ଦିରରେ ଦେବତାଙ୍କୁ ନିବେଦିତ ନୈବେଦ୍ୟକୁ ପ୍ରସାଦ କୁହାଯାଉଥିବା ବେଳେ ଶ୍ରୀକ୍ଷେତ୍ର ପୁରୀରେ ଦାରୁବ୍ରହ୍ମଙ୍କୁ ଅର୍ପିତ ନୈବେଦ୍ୟକୁ ମହାପ୍ରସାଦ କୁହାଯାଏ । ମହାପ୍ରସାଦ ଶବ୍ଦଟି ଏକ ତାନ୍ତ୍ରିକ ଶବ୍ଦ । ଦେବତାଙ୍କୁ ଭୋଗ ଦିଆଯିବା ନିମନ୍ତେ ଅଭିପ୍ରେତ ବସ୍ତୁକୁ ଅମୁଣିହା କୁହାଯାଏ । ତାହା ଭୋଗ ସରିଲା ପରେ ପ୍ରସାଦ ବା ମହାପ୍ରସାଦ ହୁଏ । ଏହାକୁ ଅବଢ଼ା ନିର୍ମାଲ୍ୟ, ମାହାର୍ଦ୍ଧ ଓ କୈବଲ୍ୟ ନାମରେ ମଧ ଜଣା ।କୈବଲ୍ୟ ଓ ଅବଢ଼ା ମଧରେ ପାର୍ଥକ୍ୟ ହେଉଛି, କୈବଲ୍ୟକୁ ଦୁଇ ଆଙ୍ଗୁଠିରେ ଅର୍ଥାତ କଣିକାଏ ଖାଇବାକୁ ହୁଏ କିନ୍ତୁ ଅବଢ଼ା ମନମୁତାବକ ପେଟପୁରା ଖିଆଯାଏ ।

ଅନେକ ରହସ୍ୟରେ ଭରା ଶ୍ରୀମନ୍ଦିରର ରୋଷ ଘର । ବିଶ୍ୱର ପୂର୍ବ-ଦକ୍ଷିଣ (ଅଗ୍ନିକୋଣ)ରେ ଭାରତ, ଭାରତର ଅଗ୍ନିକୋଣରେ ଓଡ଼ିଶା, ଓଡ଼ିଶାର ଅଗ୍ନିକୋଣରେ ଅବସ୍ଥିତ ପୁରୀ,ପୁରୀର ଅଗ୍ନିକୋଣରେ ନିର୍ମିତ ବଡ଼ଦେଉଳ ଏବଂ ବଡ଼ଦେଉଳର ଅଗ୍ନିକୋଣରେ ରୋଷଶାଳା, ଯେଉଁଠାରେ ମନ୍ଦିର ନିର୍ମାଣ କାଳରୁ ଅଗ୍ନି ପ୍ରଜ୍ୱଳିତ ହୋଇଥାଏ । ଶ୍ରୀମନ୍ଦିର ରୋଷଘର ଚୁଲିସଂଖ୍ୟା ୭୫୨ କିନ୍ତୁ, ବାସ୍ତବରେ ୨୪୩ଟି ଚୁଲି ଅଛି ସେଥିମଧରୁ ଚୁଲି କୋଠ ଭୋଗ ଚୁଲି ରୂପେ ପରିଚିତ । ଶ୍ରୀମନ୍ଦିର ରେ ବିରାଜିତ ଶ୍ରୀବିଗ୍ରହମାନଙ୍କ ଉଦ୍ଦେଶ୍ୟରେ ନାନାଦି ନୈବେଦ୍ୟ ଭୋଗ ଲାଗି କରାଯାଇଥାଏ । ମହାପ୍ରଭୁଙ୍କର ଦଶଗୋଟି ଘରକୁ ନେଇ ରୋଷଘର ପ୍ରସ୍ତୁତ । ଯାହାକୁ କେତେକ ଦଶଦିଗପାଳ, ଦଶଅବତାର, ଦଶମହାବିଦ୍ୟାର ଆଖ୍ୟା ପ୍ରଦାନ କରିଛନ୍ତି । ରୋଷଘର ତାପମାତ୍ରା ବହୁଳ ଭାବରେ ରହୁଥିବାରୁ ସାକ୍ଷାତ ମା ଦକ୍ଷିଣକାଳୀ ସେବକ ମାନଙ୍କ ଶ୍ରୀଅଙ୍ଗଙ୍କୁ ସୁରକ୍ଷା ପ୍ରଦାନ କରିଥାନ୍ତି ସେଥିପାଇଁତ ରୋଷଘରକୁ ଯେଉଁ ସେବାୟତ ପ୍ରବେଶ କରନ୍ତି ମଥାରେ ତାଙ୍କର କେବଳ ଦକ୍ଷିଣକାଳୀଙ୍କର ସିନ୍ଦୁର ଛଡା ଅନ୍ୟ ଯେଉଁ ଦେବାଦେବୀଙ୍କ ସିନ୍ଦୁର ଲଗାଇଲେ ତାଙ୍କୁ ରୋଷଘରକୁ ପ୍ରବେଶ ନିଷେଧ ହୋଇଥାଏ । ଏଠାରେ ପ୍ରତିଦିନ ଦଶ ହଜାର ରୁ ଲକ୍ଷେ ପର୍ଯ୍ୟନ୍ତ ମହାପ୍ରସାଦ ପ୍ରସ୍ତୁତ ହୋଇଥାନ୍ତି । ପ୍ରତ୍ୟେକ ଚୁଲିର ୬ ଗୋଟି ପଖା ବା ମୁଖ ଅଛି । ଏ ଚୁଲି ସମଗ୍ର ଭାରତ ବର୍ଷରେ କେଉଁଠାରେ ନାହିଁ । ଏହି ଚୁଲି ସମ୍ପୂର୍ଣ୍ଣ ବେଦ ବୈଦିକ ବିଧାନ ଅନୁସାରେ ରୋଷଶାଳାଟି ପ୍ରସ୍ତୁତ । ଅଗ୍ନିଙ୍କର ଯେପରି ୬ ଗୋଟି ମୁଖ ରହିଛି, ଚୁଲିର ମଧ ୬ ଗୋଟି ପଖା ରହିଛି ।ଏହି ୬ ଗୋଟି ପଖା ରେ ପ୍ରତ୍ୟେକ ଗୋଟିଏ ଗୋଟିଏ ମୁଖରେ ଗୋଟିଏ ଗୋଟିଏ କୁଡୁଆ ରଖାଯାଏ ଏବଂ ସେହି କୁଡୁଆ ଉପରେ ୬ଗୋଟି କୁଡୁଆ ରଖାଯାଇ ରୋଷେଇ କରାଯାଏ ।

ମହାପ୍ରଭୁଙ୍କ ରୋଷଘର ଦେଖିବାକୁ ସର୍ବସାଧାରଣଙ୍କୁ ମନା, କାରଣ ଆମ ଉତ୍କଳୀୟ ସଂସ୍କୃତିକୁ ମହାପ୍ରଭୁ ସବୁବେଳେ ବଜାୟ ରଖି ଆସିଛନ୍ତି । କଥାରେ ଅଛି, ବାହାର ଲୋକ ଆମ ରୋଷେଇ ଘର ଦେଖିଲେ ହାଣ୍ଡି ମାରା ହୁଏ, ସେହି ଦୃଷ୍ଟିରୁ ମହାପ୍ରଭୁଙ୍କ ରୋଷଘର ସର୍ବସାଧାରଣଙ୍କୁ ଦେଖିବା ମନା । ମହାପ୍ରଭୁ ଯେତେବେଳେ ଶ୍ରୀଗୁଣ୍ଡିଚା ଘରକୁ ଯାଆନ୍ତି ସେତେବେଳେ ଏହି ଚୁଲି ସବୁ ଭଙ୍ଗା ହୋଇ ଯାଇଥାଏ । କାରଣ ସେ ଚୁଲି ଯେପରି କେହି ନ ଦେଖି ପାରିବେ । ଷାଠିଏ ପଉଟି ହେଉଛି କୋଡିଏ ଗଉଣି । ୨୦ଗଉଣିରେ ଗୋଟିଏ ପଟ । ମହାପ୍ରଭୁଙ୍କର ଅନ୍ନ ବ୍ୟଞ୍ଜନ ଯେଉଁ ଚୁଲିରେ ହୁଏ ସେହି ଚୁଲିରେ ଡାଲି ତରକାରି ପ୍ରସ୍ତୁତ କରାଯାଏ ନାହିଁ । ଅଲୌକିକ କଥା ହେଉଛି, ବାହ୍ୟ ତାପମାତ୍ରା ଠାରୁ ରୋଷଶାଳା ତାପମାତ୍ରା ଅଧିକ ରୁହେ । ଶ୍ରୀକ୍ଷେତ୍ରରେ ୩୦ଡିଗ୍ରୀ ତାପମାତ୍ରା ଥିଲେ ସେହି ସମୟରେ ରୋଷଘର ତାପମାତ୍ରା ୧୫ ରୁ ୨୦ ଡିଗ୍ରୀ ତାପମାତ୍ରା ଅଧିକ ଥାଏ । ଶ୍ରୀମନ୍ଦିରରେ ବିରାଜିତ ଶ୍ରୀବିଗ୍ରହମାନଙ୍କ ଉଦ୍ଦେଶ୍ୟରେ ନାନାଦି ନୈବେଦ୍ୟ ଭୋଗ ଲାଗି କରାଯାଇଥାଏ ।ସେଥିମଧରୁ ଦୁଇଟି ପ୍ରମୁଖ ନୈବେଦ୍ୟ ହେଉଛି ବଲ୍ଲଭ ଭୋଗ ଓ ସକାଳ ଧୂପ । ବଲ୍ଲଭ ଭୋଗରେ ପାଗ ଖଇ, ପାଚିଲା କଦଳୀ, ଦହି, ସର, ଖୁଆ, ମଣ୍ଡା, ସେଓ, ଚାଉଳିଆ, ନଡ଼ିଆ ପାଡି, କମଳା, ସପେଟା, କାକୁଡ଼ି ଆଦି ନୈବେଦ୍ୟ ହୋଇଥାଏ । ସକାଳ ଧୂପରେ ସାଦା ଅନ୍ନ, ମୁଗ ଖେଚୁଡ଼ି, ଘିଅ ଅନ୍ନ, ଡାଲି, ଡାଲମା, ଶାଗ, ବେସର, ଭଜା, ମହୁର, ଖଟା, ବିଭିନ୍ନ ବିରି ଓ ଅଟା ଜାତୀୟ ପିଠା ଇତ୍ୟାଦି ଲାଗିଥାଏ । ସ୍ଥଳ ବିଶେଷରେ ମାଟି କୁଡୁଆ, ପିତଳ ପିଙ୍ଗଳରେ ରନ୍ଧନ କରାଯାଇ ଓ ଭୋଗ ବଢ଼ାଯାଏ । ପଞ୍ଚୋପଚାର ଷୋଡ଼ଶପଚାର ମନ୍ତ୍ରରେ ପୂଜା କରାଯାଏ ।ଏହି ପୂଜା ଅଷ୍ଟାଦଶାକ୍ଷର ଗୋପାଳ ମନ୍ତ୍ର, ଏକାକ୍ଷରୀ ଭୁବନେଶ୍ୱରୀ ମନ୍ତ୍ର ଏବଂ "ଓଁ ନମୋ ଭଗବତେ ବାସୁଦେବାୟ" (ଦ୍ୱାଦଶାକ୍ଷର) ମନ୍ତ୍ରରେ ପୂଜା କରାଯାଏ ।

ବ୍ୟବହୃତ ପରିବା:- ଶ୍ରୀମନ୍ଦିରର ପରମ୍ପରା ଅନୁଯାୟୀ ଭୋଗରେ ଦେଶୀଆଳୁ, କଖାରୁ, କଞ୍ଚା କଦଳୀ, ପଣସ, ମୂଳା, ପୋଟଳ, ଶିମ୍ବ, କାଙ୍କଡ଼, ଜହ୍ନି, ବାଇଗଣ, ସାରୁ, କନ୍ଦମୂଳ, ଅଦା, ଧନିଆପତ୍ର, ନଡ଼ିଆ ପ୍ରଭୃତି ଡାଲମା ଓ ତରକାରୀ ଇତ୍ୟାଦିରେ ବ୍ୟବହୃତ ହୋଇଥାଏ । କୋଶଳା, ଲେଉଟିଆ ଓ ଅଗସ୍ତି ଶାଗ ବ୍ୟତୀତ ଅନ୍ୟ କୈଣସି ଶାଗ ଭୋଗରେ ବ୍ୟବହାର କରାଯାଏନାହିଁ । ବିଲାତି ଆଳୁ, ସଜନା ଛୁଇଁ, ଲାଉ, ଭେଣ୍ଡି, ପିଆଜ, ଝୁଡ଼ଙ୍ଗ, କ୍ୟାପସିକମ, ରସୁଣ, ଫୁଲ/ପତ୍ର କୋବି, ବିନ୍ସ, କଲରା, ବିଟ୍, ଗାଜର, ମଟର ଛୁଇଁ ଇତ୍ୟାଦି ନିଷିଦ୍ଧ ଅଟେ ।

ମସଲା :- ଜିରା, ଗୋଲମରିଚ, ଡାଲଚିନି, ବଡ଼ ଅଳେଇଚ, ହେଙ୍ଗୁ, ପାନମଧୁରୀ, ସୋରିଷ ଇତ୍ୟାଦି ବିଭିନ୍ନ ଭୋଗ ଦ୍ରବ୍ୟ ପ୍ରସ୍ତୁତିରେ ବ୍ୟବହାର ହୋଇଥାଏ । ଭୋଗ ପ୍ରସ୍ତୁତିରେ କେବଳ ଶୁଦ୍ଧ ଘିଅ ବ୍ୟବହୃତ ହୁଏ ।

ମହାପ୍ରସାଦ କହିଲେ ଶ୍ରୀ ମନ୍ଦିରରେ ପ୍ରସ୍ତୁତ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପ୍ରସାଦକୁ ବୁଝାଇଥାଏ । ମହାପ୍ରସାଦର ମହିମା ଅବର୍ଣ୍ଣନୀୟ । ଏହା ଅମୃତତୁଲ୍ୟ । ମନୁଷ୍ୟକୁ ମୁକ୍ତି ପ୍ରଦାନ କରିଥାଏ ବୋଲି ବିଶ୍ୱାସ ରହିଛି । ମହାପ୍ରସାଦର ସେବନରେ ମନୁଷ୍ୟ ପରମ ଆନନ୍ଦ ଲଭିଥାଏ । ଏହା ମାନବ ଶରୀରର କୌଣସି କ୍ଷତି କରି ନଥାଏ । ସତ କହିବାକୁ ଗଲେ ମାନବ ଶରୀରର ସୁରକ୍ଷାରେ ମହାପ୍ରସାଦର ମହିମା ଅବର୍ଣ୍ଣନୀୟ । ମହାପ୍ରସାଦର ରନ୍ଧନଶୈଳୀକୁ ଦୃଷ୍ଟିଦେଲେ ଜାଣି ହୁଏ ଯେ, ଏହା



ସଂପୂର୍ଣ୍ଣ ବାଞ୍ଛ ଦ୍ୱାରା ପ୍ରସ୍ତୁତ କରାଯାଏ । ରନ୍ଧନ କାର୍ଯ୍ୟରେ ବ୍ୟବହୃତ ପରିବାରୁ ଚୋପା ଛଡା ଯାଇନଥାଏ । ସୁପକାରମାନେ ବୈଜ୍ଞାନିକ ନୀତି ଅନୁସରଣ କରି ଏପରି ପ୍ରସ୍ତୁତ କରିଥାନ୍ତି । ଏହା କେବଳ ଅମୃତ ହିଁ ଅମୃତ । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ସେବାରେ ଆୟୁର୍ବେଦ କିପରି ଅନୁସୃତ ହୋଇଥାଏ, ତାହା ସମସ୍ତେ ଜ୍ଞାତ ହେବା ଆବଶ୍ୟକ । ଆୟୁର୍ବେଦ ପଦ୍ଧତିରେ ମହାପ୍ରସାଦ ରନ୍ଧନ ତଥା ପ୍ରସ୍ତୁତ ହେଉଥିବାରୁ ଏହାର ସେବନରେ କେହି କେହି ଅସୁସ୍ଥ ହୋଇପଡିଥିବା ଦୃଷ୍ଟିକୁ ଆସିନି । ମହାପ୍ରସାଦ ପ୍ରସ୍ତୁତରେ ଘିଅ ବ୍ୟତୀତ ଅନ୍ୟ କୌଣସି ତେଲ, ଗରମ ମସଲା, ପୋସ୍ତକ ଓ ଉତ୍ତେଜକ ଦ୍ରବ୍ୟ ବ୍ୟବହାର ନିଷେଧ । ମହାପ୍ରଭୁଙ୍କ ମହାପ୍ରସାଦରେ ଆୟୁର୍ବେଦର ବୈଶିଷ୍ଟ୍ୟ ପରିଲକ୍ଷିତ ହୁଏ । ମହାପ୍ରସାଦର ଅଲୌକିକତା ସଂପର୍କରେ ଆଲୋଚନା କଲେ ଜଣାଯାଏ ଯେ, ଜଣେ ବ୍ୟକ୍ତି କିଭଳି ମହାପ୍ରସାଦ ସେବନ କରି ତାଙ୍କ ପେଟରେ ହୋଇଥିବା ଅନ୍ତନାଳୀ ଘା' କୁ ଭଲ କରିଥିଲେ । ଏଥିରେ ଆୟୁର୍ବେଦର ମହନୀୟତା ବିଶେଷ ଆଲୋଚିତ ଓ ପ୍ରତିଘାତ । ଶ୍ରୀ ଜଗନ୍ନାଥଙ୍କ ମହାପ୍ରସାଦ କେବଳ ମାଟିପାତ୍ରରେ ରନ୍ଧନ ହୋଇଥାଏ । ଏ ଦୃଷ୍ଟିରେ ପାକ ବା ପ୍ରସାଦ ସେବନ ନିମିତ୍ତ ମାଟିପାତ୍ର ହିଁ ସର୍ବୋତ୍ତମ ।ଶ୍ରୀମନ୍ଦିରକୁ ସ୍ୱତ୍ୱଲିପି ଅନୁସାରେ କୁମ୍ଭକାର ନିଯୋଗ ମାଟିପାତ୍ର ତିଆରି କରି ମହାପ୍ରସାଦ ପ୍ରସ୍ତୁତି ନିମିତ୍ତ ଶ୍ରୀମନ୍ଦିରକୁ ଯୋଗାଇଥାନ୍ତି । ଶ୍ରୀମନ୍ଦିରରେ ;ବ୍ୟବହୃତ ମାଟିପାତ୍ରକୁ ସାଧାରଣତଃ ୩ ଭାଗରେ ବିଭକ୍ତ କରାଯାଇଛି । ୧- ପାହାନ୍ତି ତାଡ, ୨- ମଝଲା ତାଡ, ୩- ଚାଟି ତାଡ । ୪ ପ୍ରକାର ସରା - ବଡ, ପୁଳି, ପାଳି ଓ ପଟା । ବ୍ୟବହୃତ ହୁଏ । ସମସ୍ତ ମହାପ୍ରସାଦ ପ୍ରସ୍ତୁତି ଯୋଗ୍ୟ ମାଟିପାତ୍ରର ରଙ୍ଗ ନାଲି ହିଁ ହେବା ବିଧିସମ୍ମତ । ପାକ ଯୋଗ୍ୟ ମାଟିପାତ୍ର ସମ୍ବନ୍ଧରେ' ବାମଦେବ ସଂହିତା' ଦଶମ ଅଧାୟ ନବମ ଶ୍ଳୋକରୁ ତ୍ରୟୋଦଶ ଶ୍ଳୋକ ମଧରେ ବିଶେଷ ବର୍ଣ୍ଣିତ ହୋଇଅଛି ।

ମହାପ୍ରସାଦ ପ୍ରସ୍ତୁତିରେ କେବଳ ବୈଷ୍ଣବାଗ୍ନି ବ୍ୟବହୃତ ହୋଇଥାଏ ଓ ଦେବୀ ପଦ୍ମାଳୟା - ମହାଲକ୍ଷ୍ମୀ ରନ୍ଧନ କାର୍ଯ୍ୟ ସମାପନ କରିଥାନ୍ତି । ହାଣ୍ଡିଗୁଡିକ ଚକ୍ରମୁଦ୍ରା ଆକାରରେ ସଜ୍ଜିତ ହୋଇ ପ୍ରସାଦ ପ୍ରସ୍ତୁତ ହୋଇଥାଏ । ଏହାଛଡା ମାଟିପାତ୍ରରେ ନିମ୍ନରେ ଚକ୍ରମୁଦ୍ରା ମଧ ଅଙ୍କିତ ହୋଇଥାଏ । ମହାପ୍ରସାଦ ପ୍ରସ୍ତୁତିରେ ଶାସ୍ତ୍ରୀୟ ବ୍ୟବସ୍ଥା ସଂପୂର୍ଣ୍ଣ ରୂପେ ଅନୁସୃତ ହୋଇଥାଏ ।ମହାପ୍ରସାଦ ପ୍ରସ୍ତୁତିରେ କେବଳ ମାଟିପାତ୍ର ଉତ୍ତମ ଓ ଗ୍ରହଣୀୟ ବୋଲି କୁହାଯାଇଛି । ମାଟିପାତ୍ରରେ ଯେଉଁ ପ୍ରସାଦ ପ୍ରସ୍ତୁତ ହୋଇଥାଏ ସେଥିରେ ମାଟିପାତ୍ରରେ କ୍ଷୟ ଅଂଶ ପ୍ରସାଦରେ ମିଶିବାର ସୁଯୋଗ ନଥାଏ । ମାତ୍ର ଧାତୁ ନିର୍ମିତ ପାତ୍ରରେ ପାକ ପ୍ରସ୍ତୁତ ହେଲେ ଯାହାକି ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ । ଏତଦ୍ ବ୍ୟତୀତ ମାଟିକୁଡଆରେ କୌଣସି ସମସ୍ୟା ନଥାଏ । ଆୟୁର୍ବେଦୀୟ ମତରେ ମାଟିପାତ୍ରରେ ରନ୍ଧନ ଅନ୍ନ, ବ୍ୟଂଜନ ସର୍ବଦା ରୁଚିକର ଓ ସ୍ୱାସ୍ଥ୍ୟ ପାଇଁ ହିତକର । ମାଟିପାତ୍ରର ମହନୀୟତା ସଂପର୍କରେ ସ୍କନ୍ଦ ପୁରାଣରେ ବିଶେଷ ବର୍ଣ୍ଣିତ । ମହାପ୍ରଭୁ ଶ୍ରୀଜଗନ୍ନାଥ ହିଁ ଦାରୁବ୍ରହ୍ମ ଦାରୁ ବା ବୃକ୍ଷରେ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି ବା ବିଗ୍ରହ ନିର୍ମିତ ହୋଇଥାଏ । ତେଣୁ ଆୟୁର୍ବେଦରେ ବୃକ୍ଷର ମହାତ୍ମ୍ୟ ପର୍ଯ୍ୟାପ୍ତ ରୂପେ ବର୍ଣ୍ଣିତ ।ଏ ଦୃଷ୍ଟିରୁ ଶ୍ରୀଜଗନ୍ନାଥଙ୍କ ସେବାରେ ଆୟୁର୍ବେଦର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ । ମହାପ୍ରସାଦ ପ୍ରସ୍ତୁତିରେ ବୃକ୍ଷର ବା କାଷ୍ଠର ଗୁରୁତ୍ୱ ଦିଆଯାଇଛି ।ଯେଉଁ କାଠକୁ ଜାଳେଣି ରୂପେ ବ୍ୟବହାର କରାଯାଏ, ତାହା ସାଧାରଣତଃ କଣ୍ଟା, କ୍ଷୀରଯୁକ୍ତ ଓ ବଜ୍ର ସଦୃଶ ଓ କୀଟଦ୍ରଷ୍ଟ ନ ହୋଇଥିବା ଆବଶ୍ୟକ । ରୋଷଶାଳ ନିମିତ୍ତ କେଉଁ କେଉଁ କାଠ ଅଧିକ ଉପଯୁକ୍ତ ଓ ଗ୍ରହଣୀୟ, ତାହା 'ବାମଦେବ ସଂହିତା' - (୯/୧୦) ରେ ଉଲ୍ଲେଖ କରାଯାଇଛି । ମହାପ୍ରସାଦ ପ୍ରସ୍ତୁତିରେ ପବିତ୍ର ତଥା ବିଶୁଦ୍ଧ ଜଳର ଆବଶ୍ୟକତା ଅତୀବ ଗୁରୁତ୍ୱପୂର୍ଣ୍ଣ । ତେଣୁ ଶ୍ରୀମନ୍ଦିର ରୋଷଶାଳା ନିମିତ୍ତ ଉତ୍ତର ଦିଗରେ ଗଂଗା ଓ ଯମୁନା ନାମକ ଦୁଇଟି କୂଅ ରହିଛି । ଏହି କୂଅର ଜଳ କେବଳ ମହାପ୍ରସାଦ ରନ୍ଧନ କାର୍ଯ୍ୟରେ ବ୍ୟବହୃତ ହୋଇଥାଏ । ଏହି ଜଳରେ କୌଣସି ରାସାୟନିକ ତ୍ରୁଟି ରହିନଥାଏ । ଗଂଗା ଯମୁନା କୂଅର ପାଣି ନିରୋଗ, ସ୍ୱାଦଯୁକ୍ତ ଓ ରୁଚିକର । ରନ୍ଧନ କାର୍ଯ୍ୟରେ କାଠକୋଇଲା(ଅଙ୍ଗାର) , ରନ୍ଧା ଦଉଡ଼ି, ତଙ୍କା,ଗାମୁଛା, ହାତୁଆଣି, ଶିକା, ପାଣିହାଣ୍ଡି, ବାଲ୍ତି ,ଦଉଡି, କୂଅ ପାଣି, ଆସନ, କରେଇ, ଫିଙ୍ଗଳ, ମଳା, ଭୋଗେଇ, ବାହୁଡା ଇତ୍ୟାଦି ବ୍ୟବହୃତ ହୋଇଥାଏ । ମହାପ୍ରଭୁଙ୍କ ମହାପ୍ରସାଦ ରନ୍ଧନରେ ତାଳପତ୍ରରେ ପ୍ରସ୍ତୁତି ଭୋଗେଇ ଓ ପବିତ୍ର ନଡିଆ ବୃକ୍ଷର କତାକୁ ଦଉଡିମାନ ତିଆରି କରାଯାଇ ରନ୍ଧନବେଳେ ବଡ ବଡ ହାଣ୍ଡିକୁ ଟେକା ଯାଇଥାଏ । ଏହାଛଡା କୂଅରୁ ଜଳ ଉତ୍ତୋଳନ ବେଳେ ମଧ୍ୟ କତାଦୌଡି ବ୍ୟବହାର ହୋଇଥାଏ । ଶ୍ରୀ ଜଗନ୍ନାଥଙ୍କ ମହାପ୍ରସାଦର ମହିମା ସଂପର୍କରେ ୨୬ଗୋଟି ମହାପୁରାଣ, ଉପପୁରାଣ ଓ ତନ୍ତ୍ରଶାସ୍ତ୍ର ମାନଙ୍କରେ ସୁବିସ୍ତୃତ ବର୍ଣ୍ଣିତ ହୋଇଅଛି । ପୃଥିବୀର ସର୍ବପ୍ରାଚୀନ ଶାସ୍ତ୍ର ଆୟୁର୍ବେଦ ସହିତ ମହାପ୍ରସାଦ ସଂପର୍କରେ ଅଭିନ୍ନ । ମହାପ୍ରସାଦ ପ୍ରସ୍ତୁତିରେ ତନ୍ତୁଜାତୀୟ ପରିବାକୁ ଗ୍ରହଣ କରାଯାଇଛି, ଯେଉଁଥିରେ ମାନବର ଶରୀର ସୁରକ୍ଷାକୁ ବିଶେଷ ଦୃଷ୍ଟି ଦିଆଯାଇଥାଏ ।

ଜଗନ୍ନାଥସ୍ୟ ନୈବେଦ୍ୟଂ ମହାପାତକନାଶନମ୍ ।

ଭକ୍ଷଣାତ୍ ଫଳମାପ୍ନୋତି କପିଳା କୋଟି ଦାନଜମ୍ ।

ଜଗନ୍ନାଥଙ୍କର ନୈବେଦ୍ୟ ମହାପାତକ ନାଶ କରେ । ଲୋକ ଏହାକୁ ଭକ୍ଷଣ କଲେ କୋଟି କପିଳା ଗାଈ ଦାନ କରିବାର ଫଳ ଲାଭ କରେ ।

ବ୍ରହ୍ମବୈବର୍ତ୍ତପୁରାଣ-

କ୍ରନ୍ଦନ୍ତି ସର୍ବପାପାନି ନିଃଶ୍ୱସନ୍ତି ମୂହୁର୍ମୂହୁଃ ।

ହାହା କୃତ୍ୱା ପଳାୟନ୍ତେ ଜଗନ୍ନାଥସ୍ୟ ଭକ୍ଷଣାତ୍ ।

ଜଗନ୍ନାଥଙ୍କ ପ୍ରସାଦ ସେବନ କଲେ ସବୁ ପାପ କାନ୍ଦି ଉଠନ୍ତି, ବାରମ୍ବାର ଦୀର୍ଘଶ୍ୱାସ ତ୍ୟାଗ କରନ୍ତି ଓ ହାହାକାର କରି ଦୂରକୁ ପଳାନ୍ତି ।

ଚତୁର୍ବର୍ଗ ଯୋଗୀଶ୍ୱର-

'କପିଳ ସଂହିତା' ର ବର୍ଣ୍ଣନା ଅନୁସାରେ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ସେବନ କଲେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଭଳି ମୁକ୍ତି ମିଳିଥାଏ । ମହାପ୍ରସାଦ ସେବନ କଲେ ମୁକ୍ତି ସୁନିଶ୍ଚିତ ବୋଲି ' ବ୍ରହ୍ମ ବୈବର୍ତ୍ତ ପୁରାଣ 'ପ୍ରମାଣ କରିଛି । ପଦ୍ମପୁରାଣରେ ମହାପ୍ରସାଦର ମହିମା ଦୃଷ୍ଟିଗୋଚର ହୁଏ । ଶ୍ରୀମନ୍ଦିରରେ ଚଣ୍ଡାଳ, ବ୍ରାହ୍ମଣ ଏକତ୍ର ମହାପ୍ରସାଦ ସେବନରେ ବିଚାର ନାହିଁ ।

ଯଜ୍ଞାସ୍ତପାଂସି ବିପ୍ରେନ୍ଦ୍ରା ! ବ୍ରତାନି ବିବିଧାନି ଚ ।

ତୀର୍ଥାଟନ ତେନୈବ ଚ କୃତାନି ସୁକୃତାନି ଚ ।

(ଜଗନ୍ନାଥ କହୁଛନ୍ତି) ହେ ବିପ୍ରମାନେ ! ଯେ ମୋର ଅନ୍ନ ଭକ୍ଷଣ କରେ, ସେ ସମସ୍ତ ଯଜ୍ଞ, ତପ, ବ୍ରତ, ତୀର୍ଥାଟନ ଓ ପୁଣ୍ୟକର୍ମମାନ କରିଛି ବୋଲି ମନେ କରାଯାଏ ।

ସୂତ ସଂହିତା

ଶୁନୀ ମୁଖିଭ୍ୟୋଽପି ଚ କାକତୁଣ୍ଡାତ୍ ବିଡ଼ାଳ ବକ୍ତ୍ରାତ୍ ବର୍ଷତି ଯଦନ୍ନମ୍ ।

ସ୍ୱର୍ଗମ୍ ପରିତ୍ୟଜ୍ୟ ସମସ୍ତ ଦେବା ଭ୍ରମନ୍ତି ଭୂମୌ ପୁରୁଷୋତ୍ତମାଖ୍ୟେ ।

କୁକ୍କୁରୀର ମୁହଁରୁ, କାଉର ତୁଣ୍ଡରୁ ଏବଂ ବିରାଡ଼ି ମୁହଁରୁ ଯେଉଁ ଅନ୍ନପ୍ରସାଦ ଖସିପଡ଼େ, ତାହା ସେବନ କରିବାକୁ ସମସ୍ତ ଦେବତାମାନେ ସ୍ୱର୍ଗଧାମ ତ୍ୟାଗ କରି ପୁରୁଷୋତ୍ତମ ନାମକ ତୀର୍ଥ କ୍ଷେତ୍ରରେ ଆସି ଭ୍ରମଣ କରିଥାନ୍ତି ।

ଆପ୍ତବାକ୍ୟ: - ମନୁଷ୍ୟର ସକଳ ପାପ ବା ଦୋଷ ମହାପ୍ରସାଦ ସେବନ ମାତ୍ରକେ ଦୂର ହୋଇଥାଏ ବୋଲି ବିଷ୍ଣୁପୁରାଣରେ ବର୍ଣ୍ଣନା ରହିଛି । ସେହିପରି ମହାପ୍ରସାଦ ପ୍ରାପ୍ତ ମାତ୍ରକେ ସେବନ କରିବା ଉଚିତ ବୋଲି ବିଷ୍ଣୁ ଯାମଳଗ୍ରନ୍ଥରେ ବର୍ଣ୍ଣନା ରହିଛି । ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ଅନ୍ନ, ଡାଲି, ବେସର ଯାହା ଯାହା ଭୋଗ ରହିଛି, ତାକୁ ଯଦି ଲୋକ ଭକ୍ଷ ଅଭକ୍ଷ ବିଚାର କରେ ସେ ନିଶ୍ଚିତ ଭାବରେ ମନ୍ଦରୋଗୀ ହୁଏ ବୋଲି ବହୁ ଗବେଷକ ମତପୋଷଣ କରିଛନ୍ତି । ବାଛ ବିଚାର ନ କରି ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ସେବନ କଲେ ମହାପ୍ରସାଦ ଦାନ କରୁଥିବା ବ୍ୟକ୍ତି ମୁକ୍ତି ଲାଭ କରିବା ସହିତ ତାଙ୍କ ପୂର୍ବପୁରୁଷଙ୍କ ଆତ୍ମାକୁ ମଧ ଶାନ୍ତି ଓ ମୋକ୍ଷ ପ୍ରଦାନ କରିଥାଏ ।

ଧାନରୁ ଚାଉଳ ଏବଂ ସେହି ଚାଉଳରୁ ହିଁ ପ୍ରସ୍ତୁତ ହୋଇଥାଏ ମହାପ୍ରସାଦ ବା ଅବଢା । ଯେଉଁ 'ଚାଉଳ' କେବଳ ଶ୍ରୀଜଗନ୍ନାଥଙ୍କ ରୋଷ ଘରେ ରନ୍ଧାଯାଏ, ତାକୁ 'ଅମୁଣିଆ' 'ଅନ୍ନ' କୁହାଯାଏ । ସେହି ଚାଉଳକୁ ରାନ୍ଧି ସାରିଲା ପରେ ତାକୁ କେବଳ ଅନ୍ନ କହନ୍ତି । ସେହି ରନ୍ଧା 'ଅନ୍ନ' ଯେତେବେଳେ ରୋଷଘରୁ ବାହାରକୁ ଆସେ ସେତେବେଳେ ଏହାକୁ 'ଛେକ' କହନ୍ତି । ଯେତେବେଳେ ଏହା ଭୈରବୀ ଚକ୍ରରେ ରହେ, ସେତେବେଳେ ଏହାକୁ 'ଭୋଗ' ବୋଲି କୁହନ୍ତି । ଯେବେ 'ଭୋଗ'କୁ ତିନି ଠାକୁରଙ୍କ ପାଖରେ ଲାଗି ହୁଏ ସେତେବେଳେ ଏହା 'ନୈବେଦ୍ୟ 'କୁହାଯାଏ । ଏହି 'ନୈବେଦ୍ୟ' ଯେତେବେଳେ ମାଆ ବିମଳା ଠାକୁରାଣୀଙ୍କ ପାଖରେ ଲାଗି ହୋଇଯାଏ, ସେତେବେଳେ ଏହା 'ମହାପ୍ରସାଦ' ବୋଲି କୁହାଯାଇଥାଏ ।

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)

# ମହାପ୍ରସାଦ...

(ଦ୍ୱିତୀୟ ପୃଷ୍ଠାର ଅବଶିଷ୍ଟାଂଶ)

ଏହି 'ମହାପ୍ରସାଦ' ଯେତେବେଳେ ପଞ୍ଚ ପରମେଶ୍ୱରଙ୍କ ଆଗରେ ରହିଥାଏ ସେତେବେଳେ ଏହାକୁ 'କୈବଲ୍ୟ' ବୋଲି କୁହାଯାଏ । 'କୈବଲ୍ୟ' କୁ ଯେତେବେଳେ ଭକ୍ତମାନେ ପାଆନ୍ତି, ସେତେବେଳେ ଏହା 'ଅବଢ଼ା' ବୋଲି କୁହାଯାଏ । 'ଅବଢ଼ା'ର ଯେକୌଣସି ଛଡ଼ା ଯାଇଥିବା ଅଂଶକୁ ଶୁଖାଇ ରଖିଲେ ତାହାକୁ 'ନିର୍ମାଲ୍ୟ' ବୋଲି କୁହାଯାଏ । ଏହାହିଁ ଶ୍ରୀକ୍ଷେତ୍ରସ୍ଥ ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବୈଚିତ୍ର୍ୟତା ।

ଶଙ୍ଖୁଡ଼ି ଭୋଗ: -୧.ଅଦା ପାଚିଡ଼ି, ୨.ଅଦା ହେଙ୍ଗୁ ଖେଚୁଡ଼ି, ୩.ଅବଢ଼ା, ୪.ଆମ୍ବିଳ,୫.କାନିକା, ୬.ଖଟା,୭.ଖେଚୁଡ଼ି, ୮.ଘିଅ ଅନ୍ନ, ୯.ଡାଲମା, ୧୦.ଡାଲି, ୧୧.ପୋଟଳ ରସା, ୧୨.ବଡ଼ା,୧୩. ବଳିବାମନ ମୁଗ, ୧୪.ବେସର,୧୫.ଭଜା, ୧୬.ମରିଚ ପାଣି, ୧୭.ମହୁର,୧୮.ମୂଳା ରାଇତା, ୧୯.ମେଥି ପିତା, ୨୦.ମେଣ୍ଢାମୁଣ୍ଡିଆ,୨୧.ଶାଗ ।

ଶଙ୍ଖୁଡ଼ିଭୋଗ (ଶୁଖିଲା ଭୋଗ): ୧.ଅମାଲୁ, ୨.ଅମୃତ ରସାବଳି, ୩.ଆରିସା, ୪.ଏଣ୍ଡୁରି, ୫.କଡ଼ମ୍ବା, ୬.କାକରା, ୭.କାକତୁଆ ଝିଲି, ୮.କାନ୍ତି, ୯.କୋରା, ୧୦.ଖଇ, ୧୧.ଖଇରଚୂଳ, ୧୨.ଖଜା, ୧୩.ଖଳିରୁଟି, ୧୪.ଖଣ୍ଡ ମଣ୍ଡା, ୧୫.ଖୁଆମଣ୍ଡା, ୧୬.ଖୁଦି ନଡ଼ିଆ (ନଡ଼ିଆ ପାଚି), ୧୭.ଗଇଁଠା, ୧୮.ଗଜା, ୧୯.ଗୋପାଳ ବଲ୍ଲଭ ମିଠା, ୨୦.ଚଢ଼େଇ ଲଦା (ଝଡ଼େଇ ନଦା), ୨୧.ଛେନା ମଣ୍ଡା, ୨୨. ଜଗନ୍ନାଥ ବଲ୍ଲଭ, ୨୩.ଜେଉଡ଼, ୨୪.ଜେନାମଣି, ୨୫.ଡାଳିମ୍ବ, ୨୬.ଟାକୁଆ, ୨୭.ତ୍ରିପୁରି, ୨୮.ନଡ଼ିଆ କେଳି, ୨୯.ନାଡ଼ି, ୩୦.ପଣସୁଆ ଲଡୁ, ୩୧.ପଣା, ୩୨.ପାରିଜାତକ, ୩୩.ପୁରି, ୩୪.ପାପୁଡ଼ି, ୩୫.ଫେଣି, ୩୬.ବଡ଼ି, ୩୭.ବଡ଼ି ଖିରିସା, ୩୮.ବଲ୍ଲଭ, ୩୯.ବୁନ୍ଦିଆ ଖିରି, ୪୦.ମଗଜଲଡୁ, ୪୧.ମରିଚ ଲଡୁ, ୪୨.ମୋହନ ଭୋଗ, ୪୩.ମାଖନ, ୪୪.ମାଣ୍ଡୁଆ, ୪୫.ମୋତି ଚୂଳ, ୪୬.ସରପୁଳି, ୪୭.ସୁଆରି, ୪୮.ସୁଜି ଗଜା, ୪୯.ସୁଆର ପିଠା, ୫୦.ଶ୍ରୀହସ୍ତ କୋରା, ୫୧.ଲଡୁ, ୫୨.ଲକ୍ଷ୍ମୀବିଳାସ, ୫୩.ଲୁଣିଖୁରୁମା, ୫୪.ହଂସକେଳି ।

ଛପନ ଭୋଗ: ପ୍ରଥମେ ଛପନ ପ୍ରକାର ଭୋଗର ବିଧାନ ଥିଲା, କିନ୍ତୁ କାଳକ୍ରମେ ତାହା ବୃଦ୍ଧି ପାଇ ଚଉରାଶି ପ୍ରକାର ହୋଇଛି ଶ୍ରୀଜଗନ୍ନାଥଙ୍କ ନିକଟରେ ଭୋଗ ଲାଗୁଥିବା ଭୋଗଗୁଡ଼ିକ ମଧ୍ୟରୁ 'ଛପନ ଭୋଗ' ଭାବେ ପ୍ରସିଦ୍ଧ ଭୋଗଗୁଡ଼ିକ ହେଲା:-

୧.ଅଟକାଳି, ୨.ଅମାଲୁ, ୩.ଅଦା ପାଚେଡ଼ି, ୪.ଆରିସା, ୫.ଏଣ୍ଡୁରି, ୬.କଦମ୍ବ, ୭.କାକରା, ୮.କାନ୍ତି, ୯.କୋରା, ୧୦.ଖଇର ଚୂଳ, ୧୧.ଖଜା, ୧୨.ଖିରି, ୧୩.ଖୁଆ ମଣ୍ଡା, ୧୪.ଖୁରିସା, ୧୫.ଖୁରୁମା, ୧୬.ଖେଚୁଡ଼ି, ୧୭.ଗଇଁଠା, ୧୮.ଗଜା, ୧୯.ଗୋଟାଳି, ୨୦.ଚକଟା, ୨୧.ଚକୁଳି, ୨୨.ଚିତଉ, ୨୩.ଛୁଞ୍ଚିପତ୍ର, ୨୪.ଛେନା ତାଡ଼ିଆ, ୨୫.ଛେନା ମାଣ୍ଡୁଆ, ୨୬.ଜଗନ୍ନାଥ ବଲ୍ଲଭ, ୨୭.ଜେନାମଣି, ୨୮.ଝିଲି, ୨୯.ଡାକୁଆ, ୩୦.ଡାଳିମ୍ବ, ୩୧.ତ୍ରିପୁରି, ୩୨.ଧଉଳା, ୩୩.ନାଡ଼ି, ୩୪.ପଖାଳ, ୩୫.ପଣା, ୩୬.ପଣା ସୁଆ, ୩୭.ପାଲୁଅ ଖିରି, ୩୮.ପିଠା (କାନ୍ତି, ପୋଡ଼, ମହୁବୀର, ସାତପୁରି, ସୁଆର), ୩୯.ପୁରି, ୪୦.ଫେଣି, ୪୧.ସରପାପୁଡି, ୪୨.ସରପୁଳି, ୪୩.ସରସ୍ୱତୀଆ, ୪୪.ବଡ଼ା, ୪୫.ବଳୀ ବାମନ, ୪୬.ଭଜା, ୪୭.ମନୋହରା, ୪୮.ମହାଦେଇ, ୪୯.ମୋହନ ଭୋଗ, ୫୦.ରସାବଳି, ୫୧.ରାଧାବଲ୍ଲଭ, ୫୨.ଲଡୁ, ୫୩.ଲହୁଣୀଆ, ୫୪.ଲକ୍ଷ୍ମୀବିଳାସ, ୫୫.ହଂସକେଳି, ୫୬.ହଂସ ବଲ୍ଲଭ ।

ମହାପ୍ରସାଦ ବିଷୟରେ ଥିବା ଇତିହାସ ଅପେକ୍ଷା କିମ୍ବଦନ୍ତୀ ଦୁଇଟି ବେଶ୍ କୌତୁହଳପୂର୍ଣ୍ଣ ଲାଗେ । ଲକ୍ଷ୍ମଣଙ୍କ ପତ୍ନୀ ଉର୍ମିଳା ରାମଚନ୍ଦ୍ରଙ୍କୁ କହିଲେ – ମୋ 'ସ୍ୱାମୀ ଆପଣଙ୍କର ନିଷ୍କାମ ସେବା କରି ସୌଭାଗ୍ୟ ଅର୍ଜନ କଲେ । ମୋତେ ମଧ ସୁଯୋଗ ମିଳୁ । ରାମଚନ୍ଦ୍ର କହିଥିଲେ - ତୁମେ କଳିକାଳକୁ ଅପେକ୍ଷା କର । ମୁଁ ଜଗନ୍ନାଥ ହୋଇ ରତ୍ନସିଂହାସନରେ ନୀଳାଚଳ ଧାମରେ ଅଧିଷ୍ଠିତ ହେବି । ଏ ଜନ୍ମର ଅନୁଜ ଲକ୍ଷ୍ମଣ ସେ କାଳରେ ମୋର ଜ୍ୟେଷ୍ଠଭ୍ରାତା ବଳଭଦ୍ର ହେବେ । ମା' ବିମଳାଙ୍କ ପାଖରେ ଯେଉଁ ପ୍ରସାଦ ଲାଗିବ ସେ ହେବ ମହାପ୍ରସାଦ ଓ ତୁମେ ସେହି ମହାପ୍ରସାଦ ରୂପେ ପୂଜା ପାଇବ ଓ ଜଗତକୁ ମହକାଇ ଦେବ । ଉର୍ମିଳା ଆଉ ଗୋଟିଏ ବର ମାଗିଥିଲେ - ଆପଣ ରତ୍ନସିଂହାସନରେ ଉପବିଷ୍ଟ ହୋଇଥିବା ବେଳେ ବଙ୍ଗୋପସାଗରରେ ମୁଁ ଉର୍ମି ରୂପେ ଆପଣଙ୍କ ପଦସ୍ପର୍ଶ କରିବି । ବ୍ରଜପୁରରେ ଥରେ ଶ୍ରୀକୃଷ୍ଣ ରାଧାଙ୍କର ସ୍ୱହସ୍ତ ରନ୍ଧା ଖାଦ୍ୟଦ୍ରବ୍ୟ ଭୁଞ୍ଜିଥିଲେ । ନାରଦ ସେହି ଅଧରାମୃତ ଉଚ୍ଛିଷ୍ଟରୁ କିଛି ପାଇବା ପରେ କୈଳାସପୁରକୁ ଗମନ କଲେ । ସେଠାରେ ଶିବ ସବୁ ଅବଗତ ହେଲେ । ନାରଦଙ୍କ ଦାଢ଼ିରେ ଲାଗିଥିବା କଣିକାଟିଏ ପ୍ରସାଦ ରୂପେ ପାଇ ତୃପ୍ତ ହେଲେ । କିନ୍ତୁ ଗୌରୀ ପ୍ରାର୍ଥନା କରି ନିରାଶ ହେଲେ । ଗୌରୀ ବିଷାଦ ମନରେ ଶ୍ରୀକୃଷ୍ଣଙ୍କୁ ଧ୍ୟାନ କଲେ । ଭଗବାନ୍ ପ୍ରସନ୍ନ ହୋଇ ବରଦାନ କରିଥିଲେ - ତୁମେ ବିମଳା ରୂପରେ ରହି ଏହି ପ୍ରସାଦ ପାଇବ । ସତରେ, ମହାପ୍ରସାଦର ମହିମା ଶବ୍ଦରେ ବର୍ଣ୍ଣନା କରିବା ସମ୍ଭବ ନୁହେଁ । ଏହାକୁ କେବଳ ଶୁଦ୍ଧ ପୂତ ପବିତ୍ର ହୃଦୟରେ ଅନୁଭବ କରି ହେବ । ମହାପ୍ରସାଦ ଆମର ପୂର୍ତ୍ତି, କୀର୍ତ୍ତି, ପ୍ରୀତି, ମତି, ଗତି, ପ୍ରଗତି, ଭକ୍ତି, ଶାନ୍ତି ଓ ମୁକ୍ତି । କାୟମନୋବାକ୍ୟରେ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ନିଜକୁ ସମର୍ପଣ କରି ମହାପ୍ରସାଦ ସେବନ କଲେ ଏହାର ଉପାଦେୟତା ଉପଲବ୍ଧ କରିହେବ । ଜଗନ୍ନାଥଙ୍କ ପୁରରେ ପହଞ୍ଚିବା ନିମନ୍ତେ ମହାପ୍ରସାଦ ଏକ ପଥ । ମହାପ୍ରସାଦ ସେବନ କରି ପଥ, ପଥିକ ଓ ଲକ୍ଷ୍ୟ ଏକାକାର ହୋଇଗଲେ ଭକ୍ତର ଜୀବନ କୃତାର୍ଥ ହୋଇଯାଏ ।

ମହାପ୍ରସାଦ ସେବାକରି ପାଟି ଖୋଲି ଯାଇଥିଲା :- ମହାରାଜା ଯଯାତିକେଶରୀଙ୍କ ସମୟର କଥା । ଶହେ ଚଉରାଳିଶି ବର୍ଷ ଧରି ଶ୍ରୀମନ୍ଦିରର ରତ୍ନସିଂହାସନ ଶୂନ୍ୟ ଥିଲା । ମହାପ୍ରଭୁ ପ୍ରବାସ ଲୀଳାରେ ଥିଲେ । ମାଦଳା ପାଞ୍ଜିର ମତରେ ସୋନପୁରରେ । ଶ୍ରୀମନ୍ଦିରରେ ସମସ୍ତ ନୀତି ଓ ଯାନିଯାତ୍ରା ବନ୍ଦ ଥିଲା । ଗୋବିନ୍ଦଦ୍ୱାଦଶୀ ମହାସ୍ନାନ ଯୋଗ ଥାଏ । ଆଦିଶଙ୍କରାଚାର୍ଯ୍ୟ କ୍ଷେତ୍ରକୁ ଆସିଥାନ୍ତି । ତାଙ୍କର ସହଯୋଗ ନେଲେ । ସୋନପୁରରୁ ମହାପ୍ରଭୁ ଆସିଲେ । ଅଠତିରିଶି ହାତ' ପଟୋଳଟିଏ ନିର୍ମାଣ କରି ନବକଳେବର ବିଧାନ ସାରି ପ୍ରଭୁଙ୍କୁ ରତ୍ନସିଂହାସନରେ ବିଜେ କରାଇଲେ ! ଅନ୍ତର୍ଯ୍ୟାମୀଙ୍କ ନୀତି ଓ ପର୍ବପର୍ବାଣୀ ପୁଣି ପ୍ରଚଳନ କରେଇବାକୁ ଆଦିଶଙ୍କରଙ୍କର ଉପସ୍ଥିତିରେ ବ୍ରାହ୍ମଣ, ପଣ୍ଡିତ ଓ ସେବକମାନଙ୍କୁ ଡକେଇଲେ । ସଭା ହେଲା । ଶାସ୍ତ୍ରୀୟ ବିଧିରେ ପୂଜା-ପାର୍ବଣ ବ୍ୟବସ୍ଥା ସ୍ଥିର ହେଲା । ପୂର୍ବ ପ୍ରଚଳିତ ସେବାଟିକୁ ସାମନାରେ ରଖାଯାଇ ସମସ୍ତ କିଛି ସ୍ଥିର ହେଲା । ଛତିଶାନିଯୋଗ ପୁଣି ନିଜ ନିଜ ଅଧିକାର ମୁତାବକ ସେବା ଆରମ୍ଭ କରିଦେଲେ ପରଦିନଠାରୁ ଭୋଗ ଲାଗିଲା । ମହାପ୍ରସାଦ ବାହାରିବା ପରେ ସଭିଙ୍କୁ ଏକାଠି କଲେ ପଙ୍କ୍ତିଭୋଜନରେ ମହାପ୍ରସାଦ ସେବା ହେବ । କେହି ଆସିଲେନି । ସାଧୁସନ୍ଥମାନେ ଗୃହୀଙ୍କ ସଙ୍ଗେ ବସିବାକୁ ନାରାଜ । ବ୍ରାହ୍ମଣ ପଣ୍ଡିତେ ବାବାଜିଙ୍କ ସଙ୍ଗେ ବସିଲେନି କି ସେବାୟତଙ୍କ ସଙ୍ଗେ । ବ୍ରାହ୍ମଣସେବକେ ଶୂଦ୍ର ସେବକଙ୍କ ସହ ଧାଡ଼ିରେ ବସିବାକୁ କୁନ୍ଥୁ କୁନ୍ଥୁ ହେଲେ । ସେଦିନ ମହାପ୍ରସାଦ ସେବା ହେଲା ନାହିଁ ।

ପୂର୍ବର ପରମ୍ପରାକୁ ପୁରୁଖା ଲୋକେ ବଖାଣିଲେ ମଧ ଦି' ପୁରୁଷ ଧରି ଛଡ଼ା ହୋଇଥିବା ଏକ ପରମ୍ପରାରେ ସଭିଏଁ ସାମିଲ ହୋଇପାରିଲେ ନାହିଁ । ମହାପ୍ରସାଦକୁ ଅନ୍ନବ୍ରହ୍ମର ମାନସିକତାରେ ତତ୍କାଳ ଗ୍ରହଣ କରିବା ସମ୍ଭବ ହେଲା ନାହିଁ । ମହାରାଜା ଯଯାତି ଦୁଃଖିତ ହେଲେ । ରାତିରେ ମହାପ୍ରଭୁଙ୍କୁ ସ୍ମରଣା କରି ଶୁଆ ପଡ଼ିଲେ । ସପନ ହେଲା । ପରଦିନ ଭୋଗ ବାହାରିଲା । ପୁଣି ପୁରୁଣା କଥା ପୋଥି କଥା ବିଚାରଚର୍ଚ୍ଚା ହେଲା । ଲୋକେ ପଙ୍କ୍ତି ଭୋଜନକୁ ରାଜି ହେଲେ । ଲୋକ କହିଲେ – ଇୟେ ପୋଥି ବର୍ଣ୍ଣିତ ପ୍ରକୃତ ମହାପ୍ରସାଦ ତ । ପରୀକ୍ଷା କଲେ କ୍ଷତି କ'ଣ ? ସେଇବାଟ ଦେଇ ମୂକ ବ୍ରାହ୍ମଣଟିଏ ଯାଉଛି ବୋଲି ଆଉଜଣେ ବ୍ରାହ୍ମଣ କହିବାରୁ ପଣ୍ଡିତ ଜଣେ କହିଲେ- ଡାକ... ଡାକ.. । ଜଣେ ବାବାଜି ବାହାରିପଡ଼ି କହିଲେ ମହାରାଜ । ଯେ ବ୍ରାହ୍ମଣ ପୁଅକୁ ମହାପ୍ରସାଦ ସେବା କରିବାକୁ ଦିଆଯାଉ । ଯଦି ସେବା କରିବା ପରେ ତା ପାଟି ଖୋଲିଯିବ, ତେବେ ଆମେ ଅବଢ଼ା ଖାଇବୁ ।ମହାରାଜା ଆଦେଶ ଦେଲେ । ବ୍ରାହ୍ମଣ ପୁଅ ଅବଢ଼ା ଖାଇସାରି ମୁଣ୍ଡରେ ହାତ ପୋଛିଲେ । ସାଧୁଙ୍କୁ ଚାହିଁ ଶ୍ଳୋକଟିଏ ବୋଲିଲେ । ଅନ୍ୟ ବ୍ରାହ୍ମଣମାନେ ତାଙ୍କୁ ହେଇ ଚାହିଁଥାନ୍ତି କିରେ ।ଯା' ପାଟି କ'ଣ ଖୋଲିଗଲ ! ଶ୍ଳୋକ ବୋଲିସାରି ବ୍ରାହ୍ମଣ, ବୁଝାଇଦେଲେ- ହେ ଜ୍ଞାନୀମାନେ । ବେଦର ଅର୍ଥ ନ ଜାଣି ଆପଣମାନଙ୍କର ଆଉ ଅଭିମାନ ବହୁତ । ଗଳିତ ମାଂସଖଣ୍ଡ ଗଙ୍ଗାରେ ମିଶିଲେ ଗଙ୍ଗା ଅପବିତ୍ର ହୁଏ କି ? ଗଙ୍ଗା ଯେପରି ପବିତ୍ର, ମହାପ୍ରଭୁଙ୍କ ମହାପ୍ରସାଦ ସେପରି ସର୍ବଦା ପବିତ୍ର । ସନ୍ଦେହ କରନି । ସଭିଏଁ ହରିବୋଲ ଦେଲେ । ଏକାଠି ବସି ମହାପ୍ରସାଦ ସେବା କଲେ !

ଅରେ ବିଦ୍ୱନ୍ନ୍ୟାନଗତ ବେଦାର୍ଥନିଗମାନ୍ ।
ମୟା ଭୁଙ୍କ୍ତେଧପ୍ୟନ୍ନେ ମମ ପରିଜନୈଚ୍ଛିତ୍ତମ୍ମନୁଜୈଃ !
ସୁସ୍ନିଗ୍ଧାନ୍ନେତସ୍ମିନ୍ ଭବତୁ ଭବତାଂ ନବହୁଗୁଣା
ନ ଗଙ୍ଗାୟଃ ପେୟଂ ଶବତନୁଗଳଦ୍ଦ୍ରବ୍ୟ କଳିକମ୍ !!

ମହାପ୍ରସାଦ ଶ୍ରୀକ୍ଷେତ୍ରର ଆକର୍ଷଣ , ଶ୍ରୀକ୍ଷେତ୍ରର ଗୌରବ । ଶ୍ରୀକ୍ଷେତ୍ରର ଗାମ୍ଭାର୍ଯ୍ୟ । ଶ୍ରୀକ୍ଷେତ୍ରର ସଂପଦ । ଶ୍ରୀକ୍ଷେତ୍ରର ମହକ । ଆସନ୍ତୁ , ଆମେ ସବୁ ସୁଗନ୍ଧିତ ମହାପ୍ରସାଦ ପାଲଟିଯିବା । ଭକ୍ତି ରେ ମହାପ୍ରସାଦ ସେବନ କରି ବିଷ୍ଣୁଙ୍କ ପାଖକୁ ଯିବା । 'ଚତୁର୍ବର୍ଗଯୋଗୀଶ୍ୱର ' ଗ୍ରନ୍ଥର ଉକ୍ତିଟି ଯଥାର୍ଥ ହେଉ -

ଭକ୍ତ୍ୟା ମମାନ୍ନଂ ଭୁକ୍ତ୍ୱା ତୁ
ସାନ୍ନିଧ୍ୟଂ ମମ ଗଚ୍ଛତି ।

## ଆଜିର ଚିନ୍ତନ

ଧର୍ମପକ୍ଷରେ ଥିବା ପାଣ୍ଡବମାନଙ୍କ ପ୍ରତି ଦୁର୍ଯ୍ୟୋଧନଙ୍କର ଛଳକପଟ ଦିନକୁ ଦିନ ବଢ଼ିବାରେ ଲାଗିଥାଏ । ମହର୍ଷି ବେଦବ୍ୟାସ ଏହା ଦେଖି ଚିନ୍ତିତ ହୋଇ ପଡ଼ିଲେ । କପଟ ଦ୍ୟୁତକ୍ରୀଡ଼ାରେ ପାଣ୍ଡବମାନଙ୍କୁ ହରାଇ ବନବାସୀ କରାଇବା ପରେ ମଧ ଦୁର୍ଯ୍ୟୋଧନ ସେମାନଙ୍କୁ ନିଧନ କରିବା ଲକ୍ଷ୍ୟରେ ଥିଲେ । ଏହି ଷଡ଼ଯନ୍ତ୍ରରେ ଇନ୍ଧନ ଯୋଗାଉଥାନ୍ତି ମାତୁଳ ଶକୁନି । ମହର୍ଷି ବେଦବ୍ୟାସ ଦୁର୍ଯ୍ୟୋଧନଙ୍କର କୁ-ଅଭିସନ୍ଧି ଜାଣିବା ପରେ ଧୃତରାଷ୍ଟ୍ରଙ୍କ ନିକଟକୁ ଯାଇ କହିଥିଲେ- 'ଦୁର୍ଯ୍ୟୋଧନ ପାଣ୍ଡବମାନଙ୍କ ପ୍ରତି ଯେଉଁଭଳି ବ୍ୟବହାର କରୁଛନ୍ତି ଏହା ଆପଣଙ୍କୁ ଅଛପା ନୁହେଁ । ପୁତ୍ର ମୋହବଶତଃ ଆପଣ କିଛି କହୁନାହାନ୍ତି । ଏହା ଆପଣଙ୍କ ପରି ରାଜାଙ୍କୁ ଶୋଭା ପାଉନାହିଁ । ଧୃତରାଷ୍ଟ୍ରଙ୍କ ଉତ୍ତର ଥିଲା- 'ମହର୍ଷି ! ମୁଁ ଚକ୍ଷୁହୀନ, ନାଚାର ।' ବେଦବ୍ୟାସ କହିଥିଲେ- ଯାହା ହୋଇଯାଇଛି, ସେ ବିଷୟରେ ଶୋଚନା କରି କିଛି ଲାଭ ନାହିଁ । ଏବେ ମଧ ସମୟ ଅଛି ତାକୁ ବୁଝାଇ ଦିଅନ୍ତୁ ପାଣ୍ଡବମାନଙ୍କୁ ହତ୍ୟା କରିବା ଯୋଜନାରୁ ସେ ନିବୃତ୍ତ ହୁଅନ୍ତୁ । ସେମାନଙ୍କର ପିତା ନାହାନ୍ତି । ଆପଣ ଏବେ ତାଙ୍କର ପିତା, ସେମାନଙ୍କୁ ଉପଯୁକ୍ତ ସହାୟତା ଦେବା ଆପଣଙ୍କର କର୍ତ୍ତବ୍ୟ । ରାଜ୍ୟ, ଧନସମ୍ପତ୍ତି ହରାଇ ସେମାନେ ଅସହାୟ ନିରାଶ୍ରୟ । ମାତାପିତା ଦୁର୍ବଳ ସନ୍ତାନ ପ୍ରତି ବିଶେଷ ଧ୍ୟାନ ଦେଇଥାନ୍ତି । ଏ ସମ୍ପର୍କରେ ଏକ ପ୍ରସଙ୍ଗର ଅବତାରଣା କରି କହିଥିଲେ- ଥରେ ଗୋମାତା ସୁରଭି ଇନ୍ଦ୍ରଙ୍କ ଦରବାରରେ ପହଞ୍ଚି ଅଭିଯୋଗ କରିଥିଲେ- ପୃଥ୍ୱୀ ଲୋକରେ ଜଣେ କୃଷକ ଏକ ସବଳ ବଳଦ ସହ ଦୁର୍ବଳ ବଳଦକୁ ଯୋଚି ହଳ କରୁଛି । ଦୁର୍ବଳ ତା' ସହ ତାଳଦେଇ ଚାଲି ନ ପାରିବାରୁ ନିର୍ମମ ଭାବେ ପିଟୁଛି । ପିଟିପିଟି ତାକୁ ଅଧମରା କରିଦେଲାଣି । ଆପଣ ସେହି ଦୃଶ୍ୟ ଦେଖନ୍ତୁ । ଦେବରାଜ ଭୂପୃଷ୍ଠକୁ ଅବଲୋକନ କରି ଏହାର ସତ୍ୟତା ଉପଲବ୍ଧି କରିଥିଲେ- ଅନ୍ଧମୃତ ବଳଦକୁ ଦେଖି ସେ ବିଚଳିତ ହୋଇଗଲେ । ତଥାପି ସୁରଭିଙ୍କୁ ପଚାରିଥିଲେ- 'ଆପଣଙ୍କର ଅନେକ ସନ୍ତାନ ଅଛନ୍ତି, ହେଲେ ସେହି ଦୁର୍ବଳ ବଳଦ ପ୍ରତି ଏତେ ଅନୁକମ୍ପା କାହିଁକି ?' ସୁରଭି ଉତ୍ତର ଦେଇଥିଲେ- 'ଆପଣ ଠିକ୍ କହିଛନ୍ତି । ସମସ୍ତେ ମୋର ସନ୍ତାନ ହେଲେ ବି ସେମାନେ କର୍ମଠ, ସବଳ । ମାତାପିତାଙ୍କ ନିକଟରେ ସବୁ ସନ୍ତାନ ପ୍ରିୟ ହେଲେ ଦୁର୍ବଳ ଅଧିକ ପ୍ରିୟ । ଏହା ଶୁଣି ଇନ୍ଦ୍ର ମୁଷଳଧାରାରେ ବୃଷ୍ଟି କରାଇଥିଲେ । କ୍ଷେତ୍ର ପାଣିରେ ବୁଡ଼ି ଯିବାରୁ କୃଷକ ହଳ ଛାଡ଼ି ଘରକୁ ଫେରି ଯାଇଥିଲା । ଏହି ପ୍ରସଙ୍ଗର ଅବତାରଣା କରି ବେଦବ୍ୟାସ, କହିଥିଲେ ଯେଉଁ ପ୍ରକାର ଗୋମାତା ସୁରଭି ଆପଣାର ଦୁର୍ବଳ ସନ୍ତାନକୁ ରକ୍ଷା କରିଥିଲେ ସେହି ପ୍ରକାରେ ଦୁର୍ବଳ ପାଣ୍ଡବମାନଙ୍କୁ ଆପଣ ରକ୍ଷା କରିବା ଉଚିତ । ଧୃତରାଷ୍ଟ୍ରଙ୍କ ମୁହଁରେ ମାଳିନ୍ୟର ରେଖା ଫୁଟି ଉଠିଥିଲେ ବି ପୁତ୍ର ମୋହ କାରଣରୁ କିଛି କହି ନଥିଲେ ।

# ଔଷଧରେ ଭରପୁର ଲେମ୍ବୁ

ତାଜାପଣରେ ଭରପୁର ଲେମ୍ବୁ ଖାଦ୍ୟର ସ୍ୱାଦ ବଢ଼ାଇବା ଠାରୁ ଆରମ୍ଭ କରି, ସର୍ବତରୁ ସୌନ୍ଦର୍ଯ୍ୟ ଯାଏଁ ସବୁଠି ବ୍ୟବହାର ହୋଇ ଆସୁଛି । ପାଟିକୁ ଖଟା ହେଲେ ବି ଏହାର ରହିଛି ଅନେକ ମିଠା ଗୁଣ ।

ଗୋଟିଏ ଗ୍ଲାସ ପାଣିରେ ଗୋଟିଏ ଲେମ୍ବୁ ଚିପୁଡ଼ି ସେଥିରେ ସୈନ୍ଧବ ଲବଣ ମିଶାଇ ସକାଳେ ସନ୍ଧ୍ୟାରେ ନିୟମିତ ଦୁଇଥର ଗୋଟିଏ ମାସ ପିଇଲେ ପଥରୀ ରୋଗ ଥିବା ବ୍ୟକ୍ତି ଆରୋଗ୍ୟ ଲାଭ କରିଥାଏ ।

ଲେମ୍ବୁକୁ ଦୁଇ ଫାଳ କରି କାଟି ତାକୁ ତାୱା ଉପରେ ରଖି ସେକି ଦିଅନ୍ତୁ । ସେକା ଯାଇଥିବା ଲେମ୍ବୁରେ ସୈନ୍ଧବ ଲବଣ ପକାଇ ତାକୁ ଚୁଷିବା ଦ୍ୱାରା ପିତ୍ତ ଦୋଷରୁ ରକ୍ଷା ମିଳିଥାଏ ।

ସକାଳେ ଏବଂ ସନ୍ଧ୍ୟାରେ ଗୋଟେ ଗ୍ଲାସ ପାଣିରେ ଗୋଟେ ଲେମ୍ବୁ ଚିପୁଡ଼ି ପିଇବା ଦ୍ୱାରା ମୋଟାପଣ ଦୂର ହୁଏ ।

ଅର୍ଶରେ ରକ୍ତ ପଡୁଥିଲେ ଲେମ୍ବୁରେ ସୈନ୍ଧବ ଲବଣ ମିଶାଇ ତାକୁ ଚୋଷି ଚୋଷି ଖାଇବା ଦ୍ୱାରା ଆରାମ ମିଳିଥାଏ ।

ଫାଳେ ଲେମ୍ବୁରସରେ ଦୁଇ ଚାମଚ ମହୁ ମିଶାଇ ଚାଟି ଚାଟି ଖାଇବା ଦ୍ୱାରା ଥଣ୍ଡା, କାଶ, ଶ୍ୱାସରୁ ରକ୍ଷା ମିଳିଥାଏ ।

ଉଷୁମ ପାଣିରେ ଲେମ୍ବୁ ଚିପୁଡ଼ି ମହୁ ମିଶାଇ ପିଇବା ଦ୍ୱାରା ପାଚନ ଶକ୍ତି ବଢ଼ିଥାଏ । ମୋଟାପଣ ହ୍ରାସ କରେ । ଏହା ବାୟୁରୋଗ ଦୂର କରେ ଏବଂ ଭୋକ ବଢ଼ାଇଥାଏ ।

ପ୍ରତିଦିନ ଲେମ୍ବୁ ଖାଇବା ଦ୍ୱାରା ଭିଟାମିନ୍ 'ସି'ର ଅଭାବ ଦୂର ହୁଏ ।

ମୁଣ୍ଡ ବୁଲାଇବା, ବାନ୍ତି ଲାଗିବା ଆଦି ସମସ୍ୟାରୁ ରକ୍ଷା ପାଇବା ପାଇଁ ଲେମ୍ବୁରେ ବିଟ୍ ଲୁଣ ମିଶାଇ ଚୋଷି ଚୋଷି ଖାଆନ୍ତୁ ।

ଲେମ୍ବୁ ଧମନୀର ଉତ୍ତେଜନାକୁ ଶାନ୍ତ କରିଥାଏ । ଏହା ହୃଦସ୍ପନ୍ଦନ ବଢ଼ି ଯାଇଥିଲେ ତାହା ସାଧାରଣ ଅବସ୍ଥାକୁ ଆଣିଥାଏ । ଉଚ୍ଚ ରକ୍ତଚାପ ଥିବା ରୋଗୀଙ୍କ ରକ୍ତବାହିନୀକୁ ଏହା ଶକ୍ତି ଦେଇଥାଏ । ଗୋଟେ ଲେମ୍ବୁର ରସରେ ତିନି ଚାମଚ ଚିନି, ଦୁଇ ଚାମଚ ପାଣି ଭଲ ଭାବେ ମିଶାଇ କେଶ ମୂଳରେ ଲଗାଇ ଗୋଟେ ଘଣ୍ଟା ଛାଡି ଦିଅନ୍ତୁ । ଏହାପରେ ମୁଣ୍ଡକୁ ଭଲ ଭାବେ ଧୋଇ ନିଅନ୍ତୁ । ଏହାଦ୍ୱାରା ଉପି ହ୍ରାସ ପାଏ ।




ବର୍ଷ ୨୬, ସଂଖ୍ୟା- ୪୭, ୨୦- ୨୬ ନଭେମ୍ବର ୨୦୨୨

## ପଦ୍ମପୁରରୁ ଦୂର ହେବ କି ଦାଦନ ଯନ୍ତ୍ରଣା ?

ବରଗଡ଼ ଜିଲ୍ଲା ଓଡ଼ିଶାର ଭାତହାଣ୍ଡି । କିନ୍ତୁ ଏହି ଜିଲ୍ଲାର ପଦ୍ମପୁର ଉପଖଣ୍ଡ ଚିର ମରୁଡ଼ିପ୍ରବଣ । ହୀରାକୁଦ ସେଚାଞ୍ଚଳ ବାହାରେ ରହି ଯାଇଥିବା ଏହି ଉପଖଣ୍ଡ ଜଳସେଚନ ଅଭାବ ହେଉ କି ଦାଦନ ସମସ୍ୟା ପାଇଁ ସବୁବେଳେ ଚର୍ଚ୍ଚିତ ହୋଇ ଆସିଛି । ଏବେ ଉପନିର୍ବାଚନ ଯୋଗୁଁ ସବୁ ରାଜନୈତିକ ଦଳର ଫୋକସରେ ରହିଛି ପଦ୍ମପୁର । ଉପନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପୂର୍ବରୁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଭାବେ ପଦ୍ମପୁର ପାଇଁ ୪ ଶହରୁ ଉର୍ଦ୍ଧ୍ୱ କୋଟିର ପ୍ରକଳ୍ପ ଘୋଷଣା କରିସାରିଛନ୍ତି । ସତରେ କି ବଦଳିଯିବ ଏହି ଅବହେଳିତ ଉପଖଣ୍ଡର ଭାଗ୍ୟ ? ଏହି ଅଞ୍ଚଳରୁ କମିଯିବ କି ଦାଦନ ଯନ୍ତ୍ରଣା ? ଏପରି କିଛି ଆଶା ଏବେ ପଦ୍ମପୁରବାସୀଙ୍କ ମନରେ ଉଙ୍କି ମାରିଛି ।

ପଦ୍ମପୁର ଉପନିର୍ବାଚନର ରାଜନୈତିକ ତାତି ସାରା ରାଜ୍ୟକୁ ଉଷ୍ମ କରିବା ଆଭାସ ଦେଲାଣି । ବର୍ତ୍ତମାନଠୁ ରାଜ୍ୟର ସବୁ ଛାମୁଆ ନେତାଙ୍କ ଡେରା ପଡ଼ିବା ଆରମ୍ଭ ହୋଇସାରିଛି । ଏଭଳି ସ୍ଥିତିରେ କେତେକ ନିର୍ଦ୍ଦିଷ୍ଟ ପ୍ରସଙ୍ଗ ସବୁ ରାଜନୈତିକ ଦଳ ପାଇଁ ଅଡୁଆ ସୂତା ପରି ସମସ୍ୟା ସୃଷ୍ଟି କଲାଣି । ଏହି ପରିପ୍ରେକ୍ଷୀରେ ରାଜ୍ୟର ଅନ୍ୟତମ ଦାଦନ ପ୍ରବଣ ଜିଲ୍ଲା ଭାବେ ପରିଚିତ ବରଗଡ଼ର ଭାଗ୍ୟକୁ ଏହି ଉପନିର୍ବାଚନ ବଦଳାଇବ କି ବୋଲି ଚର୍ଚ୍ଚା ଆରମ୍ଭ ହେଲାଣି । କାରଣ, କିଛି ମାସ ତଳେ ବିଧାନସଭାରେ ଜାରି ତଥ୍ୟ ଅନୁଯାୟୀ ରାଜ୍ୟର ୨୦ଟି ଦାଦନ ପ୍ରବଣ ବ୍ଲକ ମଧ୍ୟରୁ କେବଳ ପଦ୍ମପୁର ଉପଖଣ୍ଡରେ ରହିଛି ୪ଟି ବ୍ଲକ୍ ।

ଦାଦନ ଶ୍ରମିକ ନେଇ ପଶ୍ଚିମ ଓଡ଼ିଶାର ୪ଟି ଜିଲ୍ଲା ଯଥା- ବରଗଡ଼, ବଲାଙ୍ଗୀର, ନୂଆପଡ଼ା ଏବଂ କଳାହାଣ୍ଡିର ୨୦ଟି ବ୍ଲକର ୪୭୭ ପଞ୍ଚାୟତକୁ ଅତି ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଛି । ଆଉ ଏହି ୪ ଜିଲ୍ଲା ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରି ମନରେଗା କାର୍ଯ୍ୟ ଦିବସକୁ ଅତିରିକ୍ତ ୨ ଶହ ଦିନକୁ ବୃଦ୍ଧି କରିଛନ୍ତି । ସେହିପରି ଏହି ୨୦ଟି ବ୍ଲକର ୪୭୭ ପଞ୍ଚାୟତ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ହେଲେ ଚମକପ୍ରଦ କଥା ହେଉଛି ଯେ, ଏହି ୨୦ଟି ବ୍ଲକ୍ ମଧ୍ୟରେ କେବଳ ପଦ୍ମପୁର ଉପଖଣ୍ଡର ୪ଟି ବ୍ଲକ ସାମିଲ ରହିଛି । ସେଥିରେ ପଦ୍ମପୁର ନିର୍ବାଚନମଣ୍ଡଳୀର ତିନୋଟି ଯାକ ବ୍ଲକ ଯଥା- ପଦ୍ମପୁର, ପାଇକମାଲ ଏବଂ ଝାରବନ୍ଧ ସମେତ ବିଜେପୁର ନିର୍ବାଚନମଣ୍ଡଳୀର ଗାଇସିଲେଟ୍ ବ୍ଲକ ରହିଛି । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ, ଅଣସଂଗଠିତ କ୍ଷେତ୍ରରେ ଦାଦନ ସର୍ଦ୍ଦାରଙ୍କ ଦ୍ୱାରା ବାହାର ରାଜ୍ୟକୁ ଯାଉଥିବା ଶ୍ରମିକଙ୍କ ଠିକ୍ ତଥ୍ୟ ବି କାହାରି ପାଖରେ ନାହିଁ । ହେଲେ ପଞ୍ଜୀକରଣ କରି ଲାଇସେନ୍ସପ୍ରାପ୍ତ ଠିକାଦାରଙ୍କ ସହାୟତାରେ ଦାଦନ ଖଟିଯାଉଥିବା ଶ୍ରମିକଙ୍କ ସଂଖ୍ୟା ଅତି ନଗଣ୍ୟ ଥିବା ଜଣାପଡ଼ିଛି । ତଥାପି, ଏହି ସଂଖ୍ୟା ବି ଗତ ୨୦୧୯ରୁ ୨୦୨୧ ମଧ୍ୟରେ ୧୯୦ରୁ ୭୧୦କୁ ଛୁଇଁଥିଲା । ଆଶ୍ଚର୍ଯ୍ୟର କଥା ଯେ, ଚଳିତ ବର୍ଷ ମେ' ସୁଦ୍ଧା ଏହି ସଂଖ୍ୟା କିଛିଟା ହ୍ରାସ ପାଇ ୨୧୦କୁ ଖସିଛି । କିନ୍ତୁ, ଅଣପଞ୍ଜିକୃତ ଦାଦନ ଶ୍ରମିକ ସଂଖ୍ୟା ସମଗ୍ର ଉପଖଣ୍ଡରୁ ୧୦ ହଜାର ଡେଇଁବ ବୋଲି ବେସରକାରୀ ଭାବେ ଆକଳନ କରାଯାଉଛି । ଦଶନ୍ଧି ଦଶନ୍ଧି ଧରି ପଦ୍ମପୁର ପାଇଁ କଳଙ୍କ ସାଜିଥିବା ଦାଦନ ସମସ୍ୟା ମଧ ନେତାଙ୍କୁ ଅଡୁଆରେ ପକାଇବ ବୋଲି ରାଜନୈତିକ ତଥ୍ୟାଭିଜ୍ଞ ମହଲରେ ଆଲୋଚନା ଜୋର୍ ଧରିଲାଣି । ଶିଳ୍ପବିହୀନ ପଦ୍ମପୁର ଉପଖଣ୍ଡରେ ଲୋକେ ଶତ ପ୍ରତିଶତ କୃଷି ଉପରେ ହିଁ ନିର୍ଭରଶୀଳ । ହେଲେ ସ୍ୱାଧୀନତାର ୭୫ ବର୍ଷ ପରେ ବି ଏହି ଅଞ୍ଚଳ ପାଇଁ ବର୍ତ୍ତମାନ ସୁଦ୍ଧା ଜଳସେଚନର ଆଦୌ ସୁବିଧା ହୋଇପାରି ନାହିଁ । ଫଳରେ ଚିର ମରୁଡ଼ିଗ୍ରସ୍ତ ଭାବେ ପରିଚିତ ଏହି ଅଞ୍ଚଳର ଗରିବ ଲୋକଙ୍କ ପାଇଁ ରାଜ୍ୟ ବାହାରେ ଦାଦନ ଖଟିବା ହିଁ ଏକମାତ୍ର ସାହାରା ଭାବେ ପରିଣିତ ହୋଇଛି । ନିଜ ଅଞ୍ଚଳରେ କାମଧନ୍ଦା ଅଭାବ ସାଙ୍ଗକୁ କୃଷି କ୍ଷେତ୍ରରୁ କର୍ମସଂସ୍ଥାନର ସୁଯୋଗ ନ ଥିବାରୁ ଗରିବ ଲୋକେ ଆନ୍ଧ୍ର, ତାମିଲନାଡୁ ପରି ବାହାର ରାଜ୍ୟର ଇଟାଭାଟିରେ ଦାଦନ ଖଟିବାକୁ ବାଧ ହେଉଛନ୍ତି । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ, ବିଶ୍ୱ ପ୍ରସିଦ୍ଧ ହୀରାକୁଦ ବନ୍ଧ ନିର୍ମାଣକୁ ୭୫ ବର୍ଷ ବିତିଲାଣି । ହେଲେ ବର୍ତ୍ତମାନ ସୁଦ୍ଧା ପଦ୍ମପୁର ଉପଖଣ୍ଡର ବରପାଲିକୁ ବାଦ୍ ଦେଲେ ଅନ୍ୟ ସମସ୍ତ ବ୍ଲକ ହୀରାକୁଦ ସେଚାଞ୍ଚଳରୁ ବାଦ୍ ପଡ଼ିଛି । ଆଉ ଏହା ହିଁ ମୁଖ୍ୟତଃ ଦାଦନ ସମସ୍ୟାକୁ ପ୍ରୋତ୍ସାହିତ କରୁଛି ବୋଲି ଚାଷୀରୁ ଆରମ୍ଭ କରି ବୁଦ୍ଧିଜୀବୀ ମହଲରେ ଅଭିଯୋଗ ହୋଇଆସିଛି । ପଦ୍ମପୁର ବିଧାନସଭା ନିର୍ବାଚନମଣ୍ଡଳୀର ଅଧିବାସୀ ଏବର୍ଷ ପ୍ରଥମ କରି ଉପନିର୍ବାଚନ ସାମ୍ନା କରିବାକୁ ଯାଉଛନ୍ତି । ଏଠାରୁ ବିଧାୟକ ଥିବା ବରିଷ୍ଠ ବିଜେଡି ନେତା ବିଜୟ ରଞ୍ଜନ ସିଂ ବରିହାଙ୍କ ଦେହାନ୍ତ ପରେ ଅନୁଷ୍ଠିତ ହେବାକୁ ଯାଉଛି ଏହି ଉପନିର୍ବାଚନ । ସଦ୍ୟସମାପ୍ତ ଧାମନଗର ଉପନିର୍ବାଚନରେ ବିଜେଡିର ପରାଜୟ ପରେ ପଦ୍ମପୁର ଉପନିର୍ବାଚନ ନିହାତି ଭାବେ ହାଇଭୋଲଟେଜ୍ ହେବା ଏକ ପ୍ରକାର ନିଶ୍ଚିତ । ଏଥିପାଇଁ ବର୍ତ୍ତମାନଠାରୁ ନେତାଙ୍କ ଡେରା ପଡ଼ିଲାଣି ପଦ୍ମପୁରରେ । ଏଭଳି ସ୍ଥିତିରେ ନିର୍ଦ୍ଦିଷ୍ଟ ଭାବେ ଜିଲ୍ଲା ଗଠନ, ଫସଲ ବୀମା ଓ ଦାଦନ ଶ୍ରମିକ ପ୍ରସଙ୍ଗ ଦୁଇ ପ୍ରମୁଖ ଦଳ ବିଜେଡି ଓ ବିଜେପିକୁ ସମସ୍ୟା ଭିତରେ ଛନ୍ଦି ଦେଇଛି । ଉପନିର୍ବାଚନର ବିଜ୍ଞପ୍ତି ପ୍ରକାଶ ପୂର୍ବରୁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଭାବେ ପଦ୍ମପୁର ପାଇଁ ୪ ଶହରୁ ଉର୍ଦ୍ଧ୍ୱ କୋଟିର ପ୍ରକଳ୍ପ ଘୋଷଣା କରିସାରିଛନ୍ତି । ବିଜେପି ମଧ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅନେକ ଯୋଜନା କାର୍ଯ୍ୟକାରୀ କରିବାକୁ ପ୍ରତିଶ୍ରୁତି ଦେଉଥିବା ଦେଖିବାକୁ ମିଳିଛି । ତେବେ, ଏହି ସମସ୍ତ ଘୋଷଣା ଓ ପ୍ରତିଶ୍ରୁତି ଭୋଟରଙ୍କୁ ଆକୃଷ୍ଟ କରିବାକୁ କେତେ ଦୂର ସକ୍ଷମ ହେଉଛି ଏବଂ ପଦ୍ମପୁରର ଭାଗ୍ୟ ପରିବର୍ତ୍ତନରେ କେତେ ସହାୟକ ହେଉଛି ଏବେ ତାହାରି ଉପରେ ସମସ୍ତଙ୍କ ନଜର ରହିଛି ।



## ମୃତ୍ୟୁ- ଶୁଳ୍କ

### ମହାତ୍ମା ଗାନ୍ଧୀ

ମୃତ୍ୟୁ ଶୁଳକ କାହିଁକି ନ ବସିବ ? ଲକ୍ଷପତିମାନଙ୍କର ଯେଉଁ ପୁଅମାନେ ବୟଃପ୍ରାପ୍ତ ହେଲେଣି, ଅଥଚ ଉତ୍ତରାଧିକାର ସୂତ୍ରରେ ନିଜ ପିତାମାତାଙ୍କର ସମ୍ପତ୍ତିକୁ ପାଉଛନ୍ତି, ସେହି ଉତ୍ତରାଧିକାର ଦ୍ୱାରା ସେମାନଙ୍କୁ ପ୍ରକୃତରେ କ୍ଷତିଗ୍ରସ୍ତ ହେବାକୁ ପଡୁଛି । ଜାତିର ତଦ୍ୱାରା ଦୁଇଗୁଣ କ୍ଷତି ହେଉଛି । କାରଣ ପ୍ରକୃତରେ ଜାତି ହିଁ ସେହି ସମ୍ପତ୍ତିର ଉତ୍ତରାଧିକାରୀ ହେଉଥାନ୍ତା ଏବଂ ଜାତିର କ୍ଷତି ହେଉଛି, କାରଣ ଉତ୍ତରାଧିକାରୀମାନଙ୍କର ପୂର୍ଣ୍ଣ ସାମର୍ଥ୍ୟ ଗୁଡ଼ିକ ବାହାରକୁ ଆସି ପାରୁନାହିଁ, କାରଣ ତାହା ପ୍ରାପ୍ତ ଧନ ସମ୍ପତ୍ତିର ବୋଝର ଭାରିରେ ଚୂନା ହୋଇଯାଉଛି ।

ବ୍ୟକ୍ତିଗତ ଭାବରେ ମୁଁ ଉତ୍ତରାଧିକାର-ସୂତ୍ରରେ ପ୍ରାପ୍ତ ହେଉଥିବା ଧନରେ ବିଶ୍ୱାସ କରେନାହିଁ । ଧନୀମାନେ ସେମାନଙ୍କର ପିଲାମାନଙ୍କୁ ଶିକ୍ଷା ଦିଅନ୍ତୁ ଓ ଏପରି ଭାବରେ ସେମାନଙ୍କୁ ମଣିଷ କରନ୍ତୁ, ଯେପରିକି ସେମାନେ ସ୍ୱାଧୀନ ହେବାକୁ ଶିଖି ପାରିବେ । ଦୁଃଖର କଥା, ସେମାନେ ତାହା କରନ୍ତି ନାହିଁ । ସେମାନଙ୍କର ପିଲାମାନେ କିଛି ଶିକ୍ଷା ଅବଶ୍ୟ ପାଆନ୍ତି । ଏପରିକି ଦାରିଦ୍ର୍ୟର ପ୍ରଶଂସା କରି ରଚିତ ହୋଇଥିବା କେତେକ ଶ୍ଳୋକକୁ ଆବୃତ୍ତି କରି ପାରନ୍ତି ସତ, ମାତ୍ର ପିତାମାତାଙ୍କ ଠାରୁ ପ୍ରାପ୍ତ ସମ୍ପତ୍ତିକୁ ନିଜେ ଭୋଗ କରିବାରେ ସେମାନଙ୍କର କୌଣସି ଖେଦ ନଥାଏ ।

ମନୁଷ୍ୟର ସୁଖ ପ୍ରକୃତରେ ସନ୍ତୋଷରେ ନିହିତ ହୋଇ ରହିଛି । ଯିଏ ଅସନ୍ତୁଷ୍ଟ, ତା'ପାଖରେ ଯେତେ ଯାହା ଧନ ରହିଥାଉ ପଛକେ, ସିଏ ଆପଣା ବାସନାଗୁଡ଼ିକର ଦାସ ହୋଇ ରହିଥାଏ । ନିଜ ବାସନାଗୁଡ଼ିକ ପାଖରେ ଦାସତ୍ୱ ସହିତ ପ୍ରକୃତରେ ଅନ୍ୟ କୌଣସି ଦାସତ୍ୱର ତୁଳନା ହିଁ କରାଯାଇ ପାରିବ ନାହିଁ । ମନୁଷ୍ୟ ନିଜେ ହିଁ ତା'ର ସବୁଠାରୁ ବଡ଼ ଶତ୍ରୁ ଅଥବା ବଡ଼ ବନ୍ଧୁ ହୋଇ ପାରିବ ବୋଲି ସବୁ ମନୀଷୀମାନେ ଗୁରୁତ୍ୱ ଦେଇ ଘୋଷଣା କରିଛନ୍ତି । ସିଏ ସ୍ୱାଧୀନ ହେବ ଅଥବା ଏକ ଦାସ ହୋଇ ରହିବ, ସେକଥା ତାହାରି ଉପରେ ନିର୍ଭର କରେ ଏବଂ ବ୍ୟକ୍ତି କ୍ଷେତ୍ରରେ ଯାହା ସତ୍ୟ, ସମାଜ କ୍ଷେତ୍ରରେ ମଧ ତାହା ହିଁ ସତ୍ୟ ହେବ । ମୃତ୍ୟୁର ସମୟ, ସ୍ଥାନ ବା ପ୍ରକାର ଆଗରୁ ନିର୍ଦ୍ଧାରିତ ହୋଇ ରହିଥାଏ କି ନାହିଁ, ମୁଁ ସେକଥା ଜାଣେ ନାହିଁ । ମୁଁ କେବଳ ଏତିକି ଜାଣେ ଯେ, ତାଙ୍କ ଇଚ୍ଛା ବ୍ୟତୀତ ଗଛର ପତରଟିଏ ମଧ ହଲେ ନାହିଁ ।'' ଏହି କଥାଟିକୁ ମଧ ମୁଁ ଅତ୍ୟନ୍ତ ଅସ୍ପଷ୍ଟଭାବରେ ଜାଣେ । ଆଜି ଯାହା ଅସ୍ପଷ୍ଟ ହୋଇ ରହିଛି, ପ୍ରାର୍ଥନାପୂର୍ଣ୍ଣଭାବରେ ଅପେକ୍ଷା କରି ପାରିଲେ ତାହା କାଲି କିମ୍ବା ପଅରିଦିନ ଅବଶ୍ୟ ସ୍ପଷ୍ଟ ହୋଇଯିବ ।'

ମନୁଷ୍ୟ ତା' ନିଜ ଅଦୃଷ୍ଟକୁ ନିଜେ ନିର୍ମାଣ କରେ ବୋଲି କୁହାଯାଇଥାଏ । ଏକଥା ଆଂଶିକଭାବରେ ସତ । ଯେଉଁ ବିରାଟ ପରମଶକ୍ତି ଇଚ୍ଛାକଲେ ଆମର ଯାବତୀୟ ଅଭିପ୍ରାୟ ତଥା ଯାବତୀୟ ଯୋଜନାକୁ ଅତିକ୍ରମ କରିଯାଆନ୍ତି ଓ କେବଳ ତାଙ୍କରି ଯୋଜନାକୁ ହିଁ କାର୍ଯ୍ୟକାରୀ କରନ୍ତି, ତାଙ୍କର ଅନୁମତି ଦ୍ୱାରା ପରିଚାଳିତ ହୋଇ ହିଁ ମନୁଷ୍ୟ ନିଜର ଅଦୃଷ୍ଟକୁ ନିଜେ ନିର୍ମାଣ କରିପାରେ ।

ଖାଇବା, ପିଇବା ଏବଂ ଶୋଇବାରେ ନିୟମିତ ଅଭ୍ୟାସଗୁଡ଼ିକୁ କଠୋର ଭାବରେ ମାନି ଚଳୁଥିବାରୁ ଓ ୧୯୦୧ ମସିହାଠାରୁ ମୁଁ ନିଷ୍ଠାର ସହିତ ମାନି ଚଳି ଆସିଥିବା ପ୍ରାକୃତିକ ଚିକିତ୍ସା ପାଇଁ ରହିଥିବା ମୋ'ର ପକ୍ଷପାତ ହେତୁ ବାହ୍ୟତଃ ମୁଁ ସୁସ୍ଥ ରହିଆସିଛି । ମାତ୍ର, ତଥାପି ଆହୁରି ଅଧିକ ପରିମାଣରେ, ଏହା ମାନସିକ ଅନାସକ୍ତି ଅଭ୍ୟାସ କରିବା ହେତୁ ସମ୍ଭବ ହୋଇଛି ।

ଅନାସକ୍ତି କହିଲେ ମୁଁ ଏପରି ବୁଝିଥାଏ ଯେ, ତୁମେ କରିଥିବା କାର୍ଯ୍ୟଟିରୁ ତୁମର ବାଞ୍ଛିତ ଫଳଟି ଫଳିଲା କି ନାହିଁ, ସେକଥାକୁ ନେଇ ତୁମେ ଆଦୌ ଚିନ୍ତିତ ହେବନାହିଁ । ତୁମର ଅଭିପ୍ରାୟ ଶୁଦ୍ଧ ରହିଥିବ ଏବଂ ତୁମର ପ୍ରଣାଳୀ ନିର୍ଭୁଲ ରହିଥିବ- ବାସ୍ ସେତିକି ଯଥେଷ୍ଟ । ବସ୍ତୁତଃ, ଏହାର ଅର୍ଥ ହେଉଛି, ଯଦି ତୁମେ ଉଚିତ ପ୍ରଣାଳୀଟିକୁ ଅନୁସରଣ କରିଥିବ ଏବଂ ବାକୀ ସବୁକିଛିକୁ ତାଙ୍କରି ହାତରେ ଛାଡ଼ି ଦେଇଥିବ, ତେବେ ପରିଶେଷରେ ସବୁକିଛି ଠିକ୍ ହୋଇଯିବ ।

ମୋ'ର ବର୍ତ୍ତମାନ ଜୀବନଟି ଯେତେ ନିର୍ଭୁଲ ହୋଇଥିଲେ ମଧ, ଯଦି ଅତୀତରେ ମୋ'ର ଆଚରଣ ପୂର୍ବ-ଜୀବନଲାଗି ଏକ ଆଧାର ପ୍ରସ୍ତୁତ କରି ନ ଥିବ, ତେବେ ମନ ଓ ଶରୀର ମଧ୍ୟରେ ପରିପୂର୍ଣ୍ଣ ଅନାସକ୍ତିର ପ୍ରତିଷ୍ଠା କରି ମୁଁ ତଥାପି ପୂର୍ବ ଭୁଲଗୁଡ଼ିକର ଫଳକୁ ପ୍ରଭାବହୀନ କରିଦେଇ ପାରିବି । ଅନାସକ୍ତି ଦ୍ୱାରା ଜଣେ ବ୍ୟକ୍ତି ଅତୀତର ଦୋଷଯୁକ୍ତ ଅଭ୍ୟାସ ତଥା ବଂଶାନୁଗତତା ଓ ପରିବେଶର ପ୍ରତିବନ୍ଧକଗୁଡ଼ିକର ଫଳଗୁଡ଼ିକୁ ଅତିକ୍ରମ କରିଯାଇ ପାରିବ । ସାଧାରଣଭାବରେ କହିବାକୁ ଗଲେ, ଅଜ୍ଞାନରୁ ହେଉ ଅଥବା ଇଚ୍ଛାକୃତଭାବରେ ହେଉ, ପ୍ରକୃତିର ନିୟମରୁ ସକଳ ପ୍ରକାରର ବିଚ୍ୟୁତି, ଅର୍ଥାତ୍, କ୍ରୋଧ, ଖରାପ ମିଜାଜ, ଅଧୀରତା, ବୈବାହିକ ଜୀବନର ନାନା ଭୁଲ ଏହି ସବୁକିଛି ଆପଣାର ପ୍ରାପ୍ୟ ଆଦାୟ କରି ନେଇଥାନ୍ତି । ମାତ୍ର, ସେହି କ୍ଷେତ୍ରରେ ଏହି ପ୍ରତିଶ୍ରୁତି ଅବଶ୍ୟ ରହିଥାଏ ଯେ, ଯଦି ତୁମେ ପରିପୂର୍ଣ୍ଣ ଅନାସକ୍ତି ହାସଲ କରି ପାରିଛ, ତେବେ ତୁମେ ଏହି ସବୁକିଛିକୁ ଅବଶ୍ୟ ପୋଛି ବାହାର କରିଦେଇ ପାରିବ । ''ଯଦି ତୁମେ ଆଉ ଥରେ ଜନ୍ମଗ୍ରହଣ କରି ନପାରିବ, ତେବେ ତୁମେ ଚିରନ୍ତନ ଜୀବନର ଅଧିକାରୀ ହୋଇ ପାରିବ ନାହିଁ ।''

ବିଲୋମତଃ, ଯଦି ତୁମେ 'ପୁନର୍ଜନ୍ମ' ଲାଭ କରି ପାରିବ, ତେବେ ତୁମେ ଚିରନ୍ତନ ଜୀବନର ଅଧିକାରୀ ହୋଇ ପାରିବ । ମୃତ୍ୟୁ ସମ୍ମୁଖରେ କୌଣସି ପ୍ରତିବନ୍ଧକ ରଖାହୋଇ ନଥାଏ । ତୁମେ ଏହି ପୃଥିବୀରେ ଏହି କ୍ଷଣରେ ହିଁ ଏକ ପରିବର୍ତ୍ତନ ସମ୍ଭବ କରିପାରିବ ଏବଂ ଜୀବନକୁ ନୂତନ ଭାବରେ ଆରମ୍ଭ କରିପାରିବ । ଅତୀତଠାରୁ ନିଜକୁ ସଂପୂର୍ଣ୍ଣଭାବରେ ବିଚ୍ଛିନ୍ନ କରିଆଣି ପାରିଥିଲେ ଅତୀତ କଦାପି ଏହାର ଗତିରେ ବାଧା ସୃଷ୍ଟି କରିପାରିବ ନାହିଁ । କୁରାଢ଼ି ଦ୍ୱାରା ତାହାର ଦାୟଭାଗକୁ କାଟିଦେଇ ପାରିଥିଲେ ଯାଇ ତାହା ହେବ ।

ଅନ୍ତରାବଲୋକନର କୌଣସି ମୁହୂର୍ତ୍ତରେ କବି ନିଜକୁ ପ୍ରଶ୍ନ କରିଛନ୍ତି : ''ହେ ମନୁଷ୍ୟ, ତୁ ଈଶ୍ୱରଙ୍କର ନାମ ନେବା କାହିଁକି ଛାଡ଼ିଦେଲୁ ? କ୍ରୋଧ ଛାଡିଲୁ ନାହିଁ, କାମ ଛାଡ଼ିଲୁ ନାହିଁ, ଲୋଭକୁ ମଧ ଛାଡ଼ିଲୁ ନାହିଁ; ମାତ୍ର ସତ୍ୟକୁ ପାଶୋରିଦେଲୁ । କି ଦୁଃଖରେ ତୁ ଆଦୌ କୌଣସି ମୂଲ୍ୟ ନ ଥିବା କଉଡ଼ିଗୁଡ଼ାକୁ ସାଇତି ରଖି, କିନ୍ତୁ ତାଙ୍କର ପ୍ରେମରୂପୀ ଅମୂଲ୍ୟ ରତ୍ନଟିକୁ ହାତଛଡ଼ା କରିଦେଲୁ ! ରେ ନିର୍ବୋଧ, ତୁ କାହିଁକି ଏହିସବୁ ଯାବତୀୟ ଦମ୍ଭକୁ ଛାଡ଼ି ପାରିଲୁ ନାହିଁ ଏବଂ କେବଳ ପରମେଶ୍ୱରଙ୍କର କରୁଣା ପାଖରେ ହିଁ ଆପଣାକୁ ସମର୍ପି ଦେଇ ପାରିଲୁ ନାହିଁ ?'

ଏହାର ଅର୍ଥ ନୁହେଁ ଯେ, ଯଦି ତୁମର ଧନ ଅଛି, ତୁମେ ତାହାକୁ ଫୋପାଡ଼ି ଦେବ ; ଏବଂ, ପତ୍ନୀ ଓ ସନ୍ତାନମାନଙ୍କୁ ବାହାରକୁ ବାହାର କରି ଦିଆଯିବ । ଏହାର ଅର୍ଥ କେବଳ ଏତିକି ଯେ, ଆମକୁ ଏହିସବୁ ବସ୍ତୁପ୍ରତି ରହିଥିବା ଆସକ୍ତିକୁ ଛାଡ଼ିଦେବାକୁ ହେବ ଏବଂ ଆପଣାର ସବୁକିଛିକୁ ନେଇ ଭଗବାନଙ୍କ ପାଖରେ ଅର୍ପଣ କରିଦେବାକୁ ପଡ଼ିବ ଓ କେବଳ ତାଙ୍କରି ସେବା କରିବାପାଇଁ ତାଙ୍କର ଦାନଗୁଡ଼ିକୁ ବ୍ୟବହାର କରିବାକୁ ହେବ । ଏହାର ଏହି ଅର୍ଥ ମଧ ହେବ ଯେ, ଯଦି ଆମର ସମସ୍ତ ସତ୍ତା ସହିତ ଆମେ ତାଙ୍କର ନାମ ନେଇ ପାରିବା, ତେବେ ଆମେ ସ୍ୱୟଂଚାଳିତଭାବରେ ସକଳ କାମ, ସକଳ ଅସତ୍ୟ ଏବଂ ନିମ୍ନତର ବାସନାଗୁଡ଼ିକରୁ ମୁକ୍ତ ହୋଇ ବାହାରି ଆସି ପାରିବା ।

ଭିତରେ ଆସ୍ପୃହା ପ୍ରଜ୍ୱଳିତ ହୋଇ ରହିଥିବ ଏବଂ ତା'ସହିତ ସଂପୂର୍ଣ୍ଣ ଅନାସକ୍ତି ରହିଥିବ; ତାହା ହିଁ ସକଳ ସଫଳତା ନିମନ୍ତେ ଚାବିକାଠି ପରି କାର୍ଯ୍ୟ କରିବ ।

## ଅଧିକ କାଲସିଅମ୍ ପ୍ରାଣଘାତୀ

କାଲସିଅମ୍ ବଟିକା ଅଧିକ ପରିମାଣରେ ଖାଇବା ଅନୁଚିତ । କାଲସିଅମ୍ ରକ୍ତରେ ଗଚ୍ଛିତ ରହିଲେ, ନାନା ରୋଗ ସୃଷ୍ଟି କରାଉଥିବା ପ୍ରମାଣିତ । କାଲସିଅମ୍ ଯୋଗୁଁ ବୃକ୍କରେ ପଥର ହୁଏ । ସବୁଠାରୁ ସାଧାରଣ ବୃକ୍କ ପଥର ହେଉଛି 'କାଲସିଅମ୍ ଅଗଜାଲେଟ ପିବଲସ' । କାଲସିଅମ୍, ଅଗଜାଲିକ୍ ଅମ୍ଳ ସଂସ୍ପର୍ଶରେ ଆସିଲେ ପଥରରେ ପରିଣତ ହୁଏ । ତେଣୁ କାଲସିଅମ୍ ବଟିକା ପ୍ରତି ସମସ୍ତେ ସତର୍କ ରହିବା ଜରୁରୀ । କାଲସିଅମ୍ ବଟିକାକୁ କେବେ ହେଲେ ଖାଲି ପେଟରେ ଖାଆନ୍ତୁ ନାହିଁ । ସେ ଭଳି କ୍ଷେତ୍ରରେ କାଲସିଅମ୍ ସିଧା ମୂତ୍ରନଳି ମଧକୁ ଚାଲିଯାଏ । ସର୍ବଦା ଖାଦ୍ୟ ସହ କାଲସିଅମ୍ ଖାଆନ୍ତୁ । ପୁଣି ପ୍ରଚୁର ପରିମାଣର ପାଣି ପିଅନ୍ତୁ । ଯେଉଁମାନଙ୍କର ବୃକ୍କ ଜନିତ ସମସ୍ୟା ଅଛି, ସେମାନେ ଦିନରେ ଅନ୍ୟୁନ ତିନି ଲିଟର୍ ପାଣି ପିଇବା ଦରକାର । ଭୋଜନ ପରେ ପ୍ରତି ଥର ଏକ ଗ୍ଲାସ ପାଣି ପିଅନ୍ତୁ । ଶୋଇବା ପୂର୍ବରୁ ଏକ ଗ୍ଲାସ ପିଅନ୍ତୁ । ରାତିରେ ଉଠୁଥିଲେ ବି ପାଣି ପିଅନ୍ତୁ । କମଳା ରସ, ଲେମ୍ବୁ ରସ, ଚାହା, କଫି,



ୱାଇନ୍ ଓ ବିଅର୍ ଆଦି ପିଇପାରିବେ । ଲୁଣ କମ୍ ଖାଆନ୍ତୁ । ଲୁଣ, ପରିସ୍ରାରେ କାଲସିଅମର ପରିମାଣ ବଢ଼ାଏ । ତାହା ଛଡ଼ା ମୃଦୁ ପାନୀୟ, ଅଙ୍ଗୁର ରସ, କ୍ରାନବେରି ରସ, ପାଳଙ୍ଗ, ସମସ୍ତ ପ୍ରକାରର ଫାଷ୍ଟ ଫୁଡ୍ ଏବଂ କାଜୁ ଜାତୀୟ ମଞ୍ଜି ମଧ ଲୁଣର ପରିମାଣ ବଢ଼ାଉଥିବାରୁ ନ ଖାଇବା ଭଲ ।

# ସ୍ୱର୍ବେଦ

**ପ୍ରକୃତି ଭୋଗ କର ମାନିଯେ୍ଁ,**
**ଆତମ ଭୋଗତା ହୋୟ୍ ।**
**ଭୋଗ ନ ଭୋକ୍ତା ବ୍ରହ୍ମ ହୈ,**
**ପରଂବ୍ରହ୍ମ ସ୍ୱଃ ସୋୟ୍ ।।୫୪।।**

ଭାଷ୍ୟ - ଆତ୍ମାର ବଦ୍ଧ କାଳରେ ପ୍ରକୃତି ଭୋଗ୍ୟ ହୋଇଥିବା ବେଳେ ଆତ୍ମା ଭୋକ୍ତା ଅଟେ । ବ୍ରହ୍ମ ଭୋଗ୍ୟ ନୁହେଁ କିମ୍ବା ଭୋକ୍ତା ମଧ୍ୟ ନୁହେଁ । ତାହା ଆନନ୍ଦ ସ୍ୱରୂପ ପରଂବ୍ରହ୍ମ ଅଟେ ।

**ଜଲ କେ ପାତ୍ର ଜଲ ସେ ଭରେ,**
**ସର୍ୱ ଦିଶା ୱଦ ଆପ୍ତ ।**
**ବାହର ଭୀତର ପୂର୍ଣ୍ଣ ହୈ, ଜଲ**
**ଜୀୱୋଁ ସେ ବ୍ୟାପ୍ତ ।।୫୫।।**

ଭାଷ୍ୟ - ଯେପରି ଜଳପାତ୍ର ଜଳରେ ପରିପୂର୍ଣ୍ଣ ଥାଏ ସେପରି ପୂର୍ଣ୍ଣ ପରଂବ୍ରହ୍ମ ଜୀବାତ୍ମାର ଭିତରେ ଏବଂ ବାହାରେ ପରିପୂର୍ଣ୍ଣ ରହିଥାନ୍ତି ଏବଂ ସେହି ପ୍ରକୃତି ଆତ୍ମା ସହିତ ଓତଃପ୍ରୋତ ଭାବରେ ଚତୁର୍ଦ୍ଦିଗରୁ ପରିପୂର୍ଣ୍ଣ ବ୍ୟାପ୍ତ ଯୋଗୀମାନଙ୍କୁ ଅନୁଭବ ହୋଇଥାନ୍ତି ।


**ଜଲ ମେଁ ଜ୍ୟୋଁ ଘୃତ ବୃନ୍ଦ ହୈ,**
**ତୈସେ ବ୍ରହ୍ମ ବ୍ରହ୍ମାଣ୍ଡ ।**
**ଅନନ୍ତ ସୃଷ୍ଟି ସ୍ଥିର ରହୈ, ମହିମା**
**ଅମିତ ଅଖଣ୍ଡ ।।୫୬।।**

ଭାଷ୍ୟ - ଜଳରେ ଯେଉଁ ପ୍ରକାର ଘିଅର ବିନ୍ଦୁ ଭାସମାନ ରହିଥାଏ, ସେହି ପ୍ରକାର ପରଂବ୍ରହ୍ମଙ୍କ ଠାରେ ଅନନ୍ତ ସୃଷ୍ଟି ତଥା ଏହି ବିଶାଳ ବ୍ରହ୍ମାଣ୍ଡ ସ୍ଥିତ ଅଛି । ସେହି ଅନନ୍ତ, ଅଖଣ୍ଡ ଏବଂ ମହାନ୍ ପ୍ରଭୁଙ୍କର ମହତି ମହିମା ଅଛି ।

**ଜୈସେ ଜଲ କେ ବୃନ୍ଦ କୋ, କର**
**ଛୂତେ ଲଗ ଜାୟ୍ ।**
**ଅୱିଦ୍ୟା ବ୍ରହ୍ମ ଜ୍ଞାନ ସେ, ତ୍ୟୋଁ**
**ୱିଲୀନ ହୋୟ୍ ଜାୟ୍ ।।୫୭।।**

ଭାଷ୍ୟ - ଯେଉଁ ପ୍ରକାର ଜଳବିନ୍ଦୁକୁ ହାତରେ ସ୍ପର୍ଶ କରିବା ଦ୍ୱାରା ତାହା ମିଳାଇ ଯାଏ ସେହି ପ୍ରକାର ବ୍ରହ୍ମବିଦ୍ୟାର ବିଜ୍ଞାନ ଦ୍ୱାରା ଅଜ୍ଞାନତା ନଷ୍ଟ ହୋଇଯାଏ ।

**ତପ୍ତ ଲୋହ କେ ପିଣ୍ଡ ସମ,**
**ଭୋଗ ସକଲ ଜଗ ଜାନ ।**
**ମୁଖ ବାୟେ ମୁଖ ଜରହିଙ୍ଗେ, କଷ୍ଟ**




**ୱିୱିଧ ଅଜ୍ଞାନ ।।୫୮।।**

ଭାଷ୍ୟ - ଉତ୍ତପ୍ତ ଲୌହପିଣ୍ଡ ସମାନ ସଂସାରର ସମସ୍ତ ବିଷୟ ଭୋଗ ଅଟନ୍ତି । ସେମାନଙ୍କୁ ଭୋଗ କରିବା ନିମନ୍ତେ ଯେତେବେଳେ ମୁଖ ଖୋଲିଯିବ, ସେତେବେଳେ ତାହା ଜଳିପୋଡ଼ି ଦଗ୍ଧ ହୋଇଯିବ । ଜୀବ ଅଜ୍ଞାନତା କାରଣରୁ ଏହି ବିଷୟ ଭୋଗରୂପୀ ଅଗ୍ନିରେ ଜଳି ବିବିଧ ପ୍ରକାର ଦୁଃଖ ଭୋଗିଥାଏ । ଜୀବନରେ ଭୋଗର ଇଚ୍ଛା ହିଁ ପତନ ଆଉ ଅତ୍ୟନ୍ତ ଦୁଃଖର କାରଣ ଅଟେ ।

**ରୋଟୀ ଦେଖେ ଶ୍ୱାନ ଜିମି, ଆୱେ**
**ତାହି ସମୀପ ।**
**ଜୀୱ ଭୋଗ ପର ଲୋଭ ସେ,**
**ଆୱେ ଦେବ ମହୀପ ।।୫୯।।**

ଭାଷ୍ୟ - ଯେଉଁ ପ୍ରକାର ରୁଟିକୁ ଦେଖି କୁକୁର ତାକୁ ଖାଇବାର ପ୍ରଲୋଭନରେ ନିକଟକୁ ଚାଲିଆସେ ସେହି ପ୍ରକାର ଏହି ଜୀବାତ୍ମା ବିଷୟ ଭୋଗ ପ୍ରଲୋଭନରେ ପଡ଼ି ଦେହକୁ ଆସି ସଂସାର ସୁଖର ଉପଭୋଗ କରିଥାଏ ।

**ପକ୍ଷୀ ଅପନେ ଘୋସଲେ, ନିକଲ**
**ଗଗନ ଉଡ଼ି ଜାୟ୍ ।**
**ତ୍ୟୋଁ ଜିୱ ଜୀର୍ଣ୍ଣ ଶରୀର ସେ,**
**ଛୋଡ଼ ଆପ ଚଲ ଜାୟ୍ ।।୬୦।।**

ଭାଷ୍ୟ - ଯେଉଁ ପ୍ରକାର ପକ୍ଷୀ ନିଜ ନୀଡ଼ରୁ ବାହାରି ଆସି ଆକାଶକୁ ଉଡ଼ିଯାଏ, ସେହିପରି ଏହି ଜୀବ ବୃଦ୍ଧ ଶରୀରକୁ ତ୍ୟାଗ କରି ସ୍ୱୟଂ ଚାଲିଯାଏ ।

**ଆତମ ପ୍ରାଣ ଅପାନ ସେ, ଚଲତ**
**ଦେହ ୱେ ପାଲ ।**
**ଅକ୍ଷର ଦୋ ନିଜ ଶକ୍ତି ସେ, ଦ୍ୟୌ**
**ପୃଥିୱୀ ସଂଚାଲ ।।୬୧।।**

ଭାଷ୍ୟ - ଆତ୍ମା, ପ୍ରାଣ ଆଉ ଅଧୋବାୟୁ ଦ୍ୱାରା ଏହି ଶରୀରର ରକ୍ଷା ଆଉ ପାଳନ ହୋଇଥାଏ, ଆଉ ଅକ୍ଷର ନିଜ ଦୁଇ ଶକ୍ତିରେ ଦିବ୍ୟ ଲୋକ ଏବଂ ପୃଥିବୀର ରକ୍ଷା କରି ସଂଚାଳନ କରିଥାଏ ।

**ଜୈସେ ଏକ ମିୟାନ ମେଁ, ଦୋ**
**ବୀଲ କର ଭାୱ ।**
**ସାଧନ ଦୋ ଏକ ମୂଲ ମେଁ,**
**କରତା କର୍ମ ପ୍ରଭାୱ ।।୬୨।।**

ଭାଷ୍ୟ - ଯେଉଁ ପ୍ରକାର ତରବାରୀର ଖୋଳରେ ଦୁଇଟି ଛିଦ୍ର ରହିଥାଏ, ସେହି ପ୍ରକାର ଏକ ମୂଳରେ ଦୁଇ ପ୍ରକାର ସାଧନ ହୋଇଥାଏ ଏବଂ ସାଧକର ସାଧନ ଭେଦ ଅନୁସାରେ ତାହାର ଦୁଇ ପ୍ରକାରର ପ୍ରଭାବ ହୋଇଥାଏ ।

**ଏକ ପାଦ ସେ ବ୍ୟାପତା, ପଗ**
**ଜୂତୀ ପରମାନ ।**
**କାରଣ କାରଜ ପ୍ରକୃତି କା, ତୀନ**
**ପାଦ ନିରୱାନ ।।୬୩।।**

ଭାଷ୍ୟ - ମହାପୁରୁଷ ଯେଉଁ ପ୍ରକାର ନିଜ ଗୋଡ଼ରେ ଯୋତା ଲଗାଇଥାନ୍ତି, ସେହି ପ୍ରକାର ପରମ ପୁରୁଷ ଗୋଡ଼ର ଯୋତା ସମାନ ଏକପାଦରେ ବ୍ୟାପକ ଅଟନ୍ତି । ଏକପାଦରେ ହିଁ କାରଣ ଏବଂ କାରକ ରୂପୀ ପ୍ରକୃତି ରହିଛି । ତିନିପାଦ ଶୁଦ୍ଧ ଅମୃତ ପରମାନନ୍ଦ ଅଟନ୍ତି ।

**ସର୍ୱ କାଲ ସବ ଦେଶ ମେଁ, ଋଦ୍ଧି**
**ସିଦ୍ଧି କର ସେୱ ।**
**ଆଗେ ପୀଛେ ଫିରତୁ ହୈ, ପ୍ରଭୁ**
**ଭଚ୍ଛନ ସୁଖ ଦେୱ ।।୬୪।।**

ଭାଷ୍ୟ - ପ୍ରଭୁଙ୍କର ଆତ୍ମସମର୍ପିତ ଭକ୍ତଗଣ ସର୍ବ କାଳ ଏବଂ ସର୍ବ ଦେଶରେ ଋଦ୍ଧି ସିଦ୍ଧି ସେବା ନିମନ୍ତେ ଆଗକୁ ଏବଂ ପଛକୁ ଗତି କରିଥାନ୍ତି ଯେଉଁଥିରୁ ସେମାନଙ୍କୁ ସୁଖ ପ୍ରାପ୍ତି ହୋଇଥାଏ ।

**ଅତିଥି କୀ ସେୱା କିଜୀୟେ,**
**ଉତ୍ତମ ମଧ୍ୟମ ନୀଚ ।**
**ଜୋ ଜୈସା ସେୱା କରେ,**
**ହୋୟ୍ ଅନାଦର ମୀଚ ।।୬୫।।**

ଭାଷ୍ୟ - ଉତ୍ତମ, ମଧ୍ୟମ ଏବଂ କନିଷ୍ଠ ଭେଦରେ ଯେଉଁ ପ୍ରକାରର ଅତିଥି ହୁଅନ୍ତୁ, ତାଙ୍କୁ ତାଙ୍କ ଅନୁସାରେ ସେବା କରିବା ଉଚିତ । ଧୂର୍ତ୍ତ, ପାଖଣ୍ଡୀ, ଶଠ ଆଉ କୁଟିଳ ପ୍ରକୃତିର ଅତିଥିଙ୍କୁ ବଚନରେ ସୁଦ୍ଧା ସତ୍କାର କରନ୍ତୁ ନାହିଁ ।

**ସନ୍ତନ ସେୱା କୀଜିୟେ, ଜାନି**
**ଧର୍ମ ମୟ ସାର ।**
**ଅନ୍ତଃକରଣ ପୱିତ୍ର ହୋ, ମିଲେ**
**ୱିହିତ ଫଲ ଚାର ।।୬୬।।**

ଭାଷ୍ୟ - ସନ୍ଥମାନଙ୍କର ସେବା ସବୁ ଧର୍ମର ମୂଳ ଅଟେ । ଏହା ଦ୍ୱାରା ଅନ୍ତଃକରଣ ପବିତ୍ର ହୋଇ ଚତୁର୍ବର୍ଗ ଫଳପ୍ରାପ୍ତି ହୋଇଥାଏ ।

**ସଦ୍‌ଗୁରୁ ପ୍ରଭୁ ସମ ଜାନିୟେ,**
**ମନ ମେଁ ଭେଦ ନ କୋୟ୍ ।**
**ନୀଚ ମୂଢ଼ ୱେ ଅଧମ ହୈଁ, ନର**
**ସମ ଜାନତ ସୋୟ୍ ।।୬୭।।**

ଭାଷ୍ୟ - ସଦ୍‌ଗୁରୁ ପ୍ରଭୁଙ୍କର ସମତୁଲ୍ୟ ହୋଇଥାନ୍ତି । ଉତ୍ତମ ଜିଜ୍ଞାସୁ ଗୁରୁ ଏବଂ ପ୍ରଭୁଙ୍କ ମଧ୍ୟରେ କୋଣସି ପ୍ରଭେଦ ରଖନ୍ତି ନାହିଁ । ଯେଉଁମାନେ ଗୁରୁଙ୍କୁ ମନୁଷ୍ୟ ସମାନ ମନେ କରନ୍ତି ସେମାନେ ମୂଢ଼ ଅଟନ୍ତି ।

**ଅତିଥି ଛୋଡ଼ ଭଜନ କରେ, ୱହ**
**ଅଜ୍ଞାନୀ ଜୀୱ ।**
**କୂଲ ଧର୍ମ ଅରୁ ସୁୟଶ କୋ, ଆପ**
**ଖାୟ୍ ଗୟ୍ ଶୀୱ ।।୬୮।।**

ଭାଷ୍ୟ - ଯେଉଁ ଅଜ୍ଞାନୀ ଜୀବ ଅତିଥିଙ୍କୁ ଛାଡ଼ି ନିଜେ ଭୋଜନ କରେ, ସେ ନିଜର କୁଳ, ଧର୍ମ, ଯଶ ଏବଂ କଲ୍ୟାଣ ସବୁକୁ ନଷ୍ଟ କରେ ।

**ଅଜ ଅକ୍ଷର ଜିୱ ପ୍ରକୃତି କୋ,**
**ସବ ପର ମାୟୁ ଜ୍ଞାନ ।**
**ପଞ୍ଚ ୱାଉ ସବ ୱାଉ ହୈ,**
**ବ୍ରହ୍ମୱେତ୍ତା ପରଧାନ ।।୬୯।।**

ଭାଷ୍ୟ - ନିତ୍ୟ ଅନାଦି ସଦ୍‌ଗୁରୁ, ଅକ୍ଷର, ଆତ୍ମା, ପ୍ରକୃତି ଏବଂ ପରମ ପୁରୁଷ - ଏହି ପଞ୍ଚ ତତ୍ତ୍ୱଗୁଡ଼ିକର ଜ୍ଞାତା ବ୍ରହ୍ମବିଦ୍ ଅଟନ୍ତି ଯିଏ ସର୍ବବେତ୍ତା ତଥା ମହାନ୍ ଅଟନ୍ତି ।

## ଗର୍ଭବତୀଙ୍କ ପାଇଁ ଉପକାରୀ ପଇଡ଼

ଗର୍ଭବତୀ ମହିଳାଙ୍କ ପାଇଁ ପଇଡ଼ ପାଣି ଖୁବ୍ ଉପକାରୀ ହୋଇଥାଏ । ଏହା ପୁଷ୍ଟିସାଧନର ସର୍ବୋତ୍କୃଷ୍ଟ ମାଧମ । ଗର୍ଭବତୀ ମହିଳାଙ୍କୁ ପ୍ରତିଦିନ ଆବଶ୍ୟକ ପଡୁଥିବା ଫ୍ଲୁଇଡ ଓ ଇଲେକ୍ଟ୍ରୋଲାଇଟ୍‌ର ସ୍ତର ଏହା ବଜାୟ ରଖିଥାଏ ବୋଲି ନାରୀକେଳ ଉନ୍ନୟନ ବୋର୍ଡ କହିଛି । ପଇଡ଼ ପାଣିରେ ଇଲେକ୍ଟ୍ରୋଲାଇଟ୍, କ୍ଲୋରାଇଡ୍, ମାଗ୍ନେସିୟମ୍, କ୍ୟାଲସିୟମ୍, ରାଇବୋଫ୍ଲୋଭିନ୍ ଓ ଭିଟାମିନ୍ ସି' ସମେତ ସ୍ୱଳ୍ପ ପରିମାଣର ଶର୍କରା, ସୋଡିୟମ୍ ଓ ପ୍ରୋଟିନ୍ ରହିଥାଏ ବୋଲି ବୋର୍ଡପକ୍ଷରୁ କୁହାଯାଇଛି । ପ୍ରଥମ ତିନି ମାସ ମଧରେ ପଇଡ ପାଣି ପିଇଲେ ଗର୍ଭବତୀଙ୍କ ମଧରେ ମର୍ଣ୍ଣି ସିକ୍‌ନେସ୍, କୋଷ୍ଠକାଠିନ୍ୟ ସହିତ ଥକ୍କାପଣ ଦୂର ହୋଇଥାଏ । ଡିହାଇଡ୍ରେସନରୁ ବି ମୁକ୍ତି ମିଳିଥାଏ । ପଇଡ ର୍ଗଭସ୍ଥ ଶିଶୁ ଆବଶ୍ୟକ



କରୁଥିବା ଫ୍ଲୁଇଡ୍ ସହିତ ଗର୍ଭବତୀ ମହିଳାଙ୍କ ଶରୀରରେ ରକ୍ତ ପରିମାଣ ବୃଦ୍ଧି କରିଥାଏ । ଏହା ସହିତ ଗର୍ଭବତୀଙ୍କ ମୂତ୍ରନଳୀରେ ସଂକ୍ରମଣ ରୋକିବାରେ ବି ସକ୍ଷମ ହୋଇଥାଏ । ରକ୍ତଚାପ ବି କମ୍ କରିଥାଏ ।

## ଟିକିଏ ହସନ୍ତୁ

ଅନେକ ବର୍ଷ ପରେ ରାମୁ ଓ ମୋହନର ଦେଖା ହେଲା । ରାମୁ ମୋହନକୁ ଡିନ୍‌ର ପାଇଁ ଡାକିଲା । ମୋହନ ସ୍ତ୍ରୀ ଓ ୧୦ ପୁଅଝିଅକୁ ନେଇ ଡିନ୍‌ର୍ ପାଇଁ ଯାଇଥାଏ । ଏତେ ବଡ଼ ପରିବାର ଦେଖି ରାମୁ-ହଇରେ, ଲଜ୍ଜା ଆସିଲାନି ।
ମୋହନ- ନାଇଁରେ, ତା'ର ପରା କାଲି ପରୀକ୍ଷା । ସେଥିପାଇଁ ଆସିଲାନି ।

× × ×

ବାପା ଝିଅକୁ : ତୁ ମତେ ଆଗରୁ ପାପା ଡାକୁଥିଲୁ । ହେଲେ ଏବେ ଡାଡି କାହିଁକି ଡାକୁଛୁ ?
ଝିଅ : କାହିଁକି ନା 'ପାପା' ଡାକିଲେ ମୋ ଲିପଷ୍ଟିକ୍ ଖରାପ ହେଇ ଯାଉଛି ।

× × × ×

ଡାକ୍ତର ଜଣେ ରୋଗୀକୁ : ଏତେ ଡରୁଛ କାହିଁକି ?
ତମେ ପୁରା ଠିକ୍ ହେଇଯିବ । ଆଚ୍ଛା କହିଲ, ମୋ ଚିକିତ୍ସାରେ ତମେ ଠିକ୍ ହେଇଗଲେ ମତେ କ'ଣ ଦେବ ?
ରୋଗୀ : ଆଜ୍ଞା, ମୁଁ ଜଣେ ଗରିବ । କବର ଖୋଳେ । ଆପଣଙ୍କ ପାଇଁ ମାଗଣାରେ ଖୋଳିଦେବି ।

× × × ×



ମା' : ପୁଅ କ'ଣ କରୁଛୁ ?
ପୁଅ : ପଢୁଛି ମା'
ମା' : ସାବାସ୍ । କ'ଣ ପଢୁଛୁ ?
ପୁଅ : ତମ ବୋହୂର ଏସଏମଏସ୍ ।

× × × ×

ରାମୁ ଗଛ ଉପରେ ଚଢ଼ି ମୁଣ୍ଡ ତଳକୁ କରି ଝୁଲି ରହିଥିଲା ?
କୁନୁ : ଆରେ ସାଙ୍ଗ ଏମିତି କ'ଣ ଲଟକିଛୁ ?
ରାମୁ : ମୁଣ୍ଡ ବିନ୍ଧା ଔଷଧ ଖାଇଥିଲି ତ ଶୀଘ୍ର ପେଟକୁ ଚାଲିଯିବ ସେଥିପାଇଁ ଲଟକି ରହିଛି ।

× × × × × ×

ମାନସୀ : ଜାଣିଛୁ ପପୁ ! ମୋ ବାପା କହିଛନ୍ତି ନା ଯଦି ମୁଁ ପରୀକ୍ଷାରେ ଫେଲ ହୋଇଯିବି ସେ ମୋର ବାହାଘର ରିକ୍ସାବାଲା ସହିତ କରିଦେବେ ।
ରବି : ଆରେ ବାଃ । ମୋ ବାପା ବି ସେୟା କହିଛନ୍ତି ଯଦି ମୁଁ ଫେଲ ହୋଇଯିବି, ସେ ମତେ ଏକ ରିକ୍ସା କିଣି ଚଳାଇବାକୁ ଦେଇ ଦେବେ ।

× × × × × ×

ଟିଟି : ବାବା କୁଆଡେ ଯିବେ ?
ବାବାଜୀ : ଯେଉଁଠି ରାମଙ୍କ ଜନ୍ମ ହୋଇଥିଲା ?
ଟିଟି : ଟିକେଟ ଦେଖାଅ ?
ବାବାଜୀ : ଟିକେଟ୍ କରିସି ବସ୍ତ ?
ଟିଟି : ଏବେ ବାଲ ?
ବାବାଜୀ : କେଉଁଠିକୁ ବସ୍ତ !
ଟିଟି : ଯେଉଁଠି କୃଷ୍ଣ ଜନ୍ମ ହୋଇଥିଲେ ?

× × × × × ×

**ଶିକ୍ଷକ :** ଜନ୍ ତୁମ ଜନ୍ମଦିନ କେବେ ?
**ଜନ୍ :** ସାର୍ ଜୁଲାଇ ୧୩ ତାରିଖ ।
**ଶିକ୍ଷକ :** କେଉଁ ବର୍ଷ ?
**ଜନ୍ :** କେଉଁ ବର୍ଷ କ'ଣ ସାର, ଏହା ତ ପ୍ରତିବର୍ଷ ପାଳିତ ହୋଇଥାଏ ।

## ଆଣ୍ଠୁଗଣ୍ଠି ଦରଜ ଓ ସୂର୍ଯ୍ୟକିରଣ

ଆଜିକାଲି ପ୍ରାୟ ଅନେକ ବ୍ୟକ୍ତି ଆଣ୍ଠୁଗଣ୍ଠି ଦରଜରେ ଆକ୍ରାନ୍ତ । ଏଭଳି ସମସ୍ୟା ଦେଖାଦେଲେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଇବାକୁ ପଡିଥାଏ । ଏହା ବ୍ୟତୀତ ଆଉ କେତେକ ଦିଗ ପ୍ରତି ନଜର ଦେଲେ ଏଥିରୁ ଉପଶମ ମିଳେ । ବିଶେଷ ଭାବରେ ଶୀତଦିନେ ଏହାର ପ୍ରଭାବ ଅଧିକ ଅନୁଭୂତ ହୋଇଥାଏ । କେତୋଟି ଘରୋଇ ଉପଚାର ଦ୍ୱାରା ଆପଣଙ୍କୁ ଏଥିରୁ ଅନେକାଂଶରେ ଉପଶମ ମିଳିବ । କେବଳ ସେତିକି ନୁହେଁ, ଭିଟାମିନଯୁକ୍ତ ତଥା ସୁଷମ ଖାଦ୍ୟ ଖାଆନ୍ତୁ । ପ୍ରଚୁର ପରିମାଣରେ ପାଣି ପିଅନ୍ତୁ । ପ୍ରତିଦିନ କିଛି ସମୟ ଯୋଗ କଲେ ଆଣ୍ଠୁ ଗଣ୍ଠି ଦରଜରୁ କେତେକାଂଶରେ ଉପଶମ ମିଳିଥାଏ । ଗୋଟିଏ ସ୍ଥାନରେ ବହୁ ସମୟ ବସି ରହନ୍ତୁ ନାହିଁ । ଅନ୍ୟପକ୍ଷରେ ଯଦି କିଛି ବ୍ୟାୟାମ କରିବାକୁ ଚାହୁଁଛନ୍ତି ତେବେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ହିଁ କରନ୍ତୁ ।

## ଲାଭକାରୀ ସୋୟାବିନ୍

**ସୋ**ୟାବିନ୍‌ରେ ପ୍ରଚୁର ପରିମାଣରେ ପ୍ରୋଟିନ୍ ଥାଏ । ଏଥିରେ ଭିଟାମିନ୍‌ର ଇ, ମିନେରାଲ୍ସ ଓ ଏମିନୋ ଏସିଡ୍ ପର୍ଯ୍ୟାପ୍ତ ମାତ୍ରାରେ ଥାଏ । ଶାରୀରିକ ବିକାଶ, ତ୍ୱଚା ସମ୍ବନ୍ଧୀୟ ସମସ୍ୟା ଓ କେଶ ସମସ୍ୟାର ମଧ ଉପଚାର ସୋୟାବିନ ଦ୍ୱାରା ସମ୍ଭବ ହୋଇଥାଏ । ଏହି ସବୁ ପରେ ସୋୟାବିନ ଦ୍ୱାରା ଅନେକ ସମସ୍ୟାର ସମାଧାନ ମଧ ହୋଇଥାଏ ।



**ମାନସିକ ରୋଗରେ ଫାଇଦା :** ଏହା ମାନସିକ ସନ୍ତୁଳନକୁ ସମତୁଲ ରଖି ମସ୍ତିଷ୍କକୁ ସକ୍ରିୟ କରିଥାଏ ଏବଂ ହୃଦୟ ଜନିତ ରୋଗରେ ମଧ ସୋୟାବିନ୍ ଖାଇବା ଠିକ୍ ହୋଇଥାଏ ।

**ହାଡକୁ ମଜବୁତ କରେ :** ସୋୟାବିନରେ ଅଧିକ ମାତ୍ରାରେ ଭିଟାମିନ୍ ଓ ମିନେରାଲ୍ସ ମିଳିଥାଏ । ଏହା ବ୍ୟତୀତ କ୍ୟାଲସିୟମ, ମ୍ୟାଗ୍ନେସିୟମ, କପର, ସେଲେନିୟମ ଓ ଜିଙ୍କର ମାତ୍ରା ଅଧିକ ଥାଏ । ଏସବୁ ପୋଷକତତ୍ତ୍ୱ ଶରୀରର ହାଡ଼କୁ ମଜଭୁତ କରିବାରେ ସାହାଯ୍ୟ କରେ ।

**କ୍ୟାନ୍ସରରୁ ରକ୍ଷା ମିଳେ :** ସୋୟାବିନରୁ ମିଳୁଥିବା ଆଣ୍ଟି ଅକ୍ସିଡେଣ୍ଟସ୍ ଅନେକ ପ୍ରକାରର କ୍ୟାନ୍ସର ରୋକିବାରେ ସାହାଯ୍ୟ କରେ । ଏଥିରେ ଥିବା କଣ୍ଟେଟ କୋଲୋନ କ୍ୟାନ୍ସର ସମସ୍ୟାକୁ ସମାଧାନ କରେ ।

**ଓଜନ କମାଏ ଓ ବଢ଼ାଏ :** ସୋୟାବିନ ଓଜନ କମାଇଥାଏ ଓ ବଢ଼ାଇବାରେ ସାହାଯ୍ୟ କରେ । ଏହା ଛଡ଼ା ଏଥିରେ ପର୍ଯ୍ୟାପ୍ତ ପରିମାଣରେ ଫାଇବର ଏବଂ ପ୍ରୋଟିନ ଥାଏ ଯାହା ଓଜନ ବଢ଼ାଏ ।

# ସୋରିଷର ଉପକାରିତା

**ପ୍ରା**ୟତଃ ଓଡ଼ିଶାରେ ରୋଷେଇ କାର୍ଯ୍ୟରେ ବହୁଳ ଭାବରେ ବ୍ୟବହାର କରାଯାଇଥାଏ ସୋରିଷକୁ । ଏହାର ମଞ୍ଜିରୁ ତେଲ ପ୍ରସ୍ତୁତ କରି ସ୍ୱାଦିଷ୍ଟ ବ୍ୟଞ୍ଜନ ମଧ ପ୍ରସ୍ତୁତ କରାଯାଇଥାଏ । ସୋରିଷ ଶାଗ ମଧ ଖିଆଯାଇଥାଏ । କେବଳ ସେତିକି ନୁହେଁ ସ୍ୱାସ୍ଥ୍ୟ ପାଇଁ ମଧ ସୋରିଷ ଖୁବ୍ ଉପଯୋଗୀ ।

ସାଧାରଣତଃ ଦୁଇ ପ୍ରକାରର ସୋରିଷ ରହିଛି ଧଳା ଓ ନାଲି । ଧଳା ସୋରିଷକୁ ଲୋକେ ରାଇ ବୋଲି କହିଥାନ୍ତି । ଧଳା ସୋରିଷ (ଶ୍ୱେତିକା, ସିଦ୍ଧାର୍ଥ) ରାଇ ସୋରିଷ (ରାଜିକା, ଛୋଟ ଓ ନାଲିଆ) ଉଭୟ ସୋରିଷ ପୃଥକ୍ । ସୋରିଷ ଉତ୍ପାଦନରେ ଭାରତ ବିଶ୍ୱରେ ମୁଖ୍ୟସ୍ଥାନରେ ରହିଛି । ଓଡ଼ିଶାରେ ସୋରିଷ କେବଳ ଶୀତ ଋତୁରେ ଚାଷ କରାଯାଇଥାଏ । ଏହି ଚାଷ ସ୍ୱଚ୍ଛ ବାଲିଆ ଦୋରସା ମାଟିରୁ ଆରମ୍ଭ କରି ଅଳ୍ପ ମଟାଳ ମାଟି ଯାଏ ସବୁ ଜମିରେ ହୋଇପାରିବ । ବିଶେଷ କରି ସୋରିଷ ତେଲ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପଯୋଗ



ହୋଇଥାଏ ।

**ବ୍ୟବହାର :** ସୋରିଷକୁ ଜିରା ଅଦା ଆଦି ମସଲା ସହ ମିଶାଇ ପାରମ୍ପରିକ ଓଡ଼ିଆ ଖାଦ୍ୟ ବେସର ପ୍ରସ୍ତୁତ କରାଯାଏ । ଏହାକୁ ବାଟି ଏକ ମଣ୍ଡ ତିଆରି କରାଯାଏ ଏବଂ ବିଭିନ୍ନ ପ୍ରକାର ତରକାରୀ ରାନ୍ଧିବାରେ ବ୍ୟବହାର କରାଯାଏ ।

ସୋରିଷକୁ ପେଡିବା ଫଳରେ ଯେଉଁ ତେଲ ବାହାର କରାଯାଏ । ସୋରିଷ ତେଲ ଭାରତର ସବୁଆଡ଼େ ବ୍ୟବହାର କରାଯାଇଥାଏ । ଏଥି ସହିତ ଆଚାର ତିଆରି କରିବାରେ ମଧ ସୋରିଷ ତେଲର ଉପଯୋଗ କରାଯାଇଥାଏ ।

**ସ୍ୱାସ୍ଥ୍ୟ ପାଇଁ ଉପଯୋଗୀ :** ସୋରିଷ ତେଲକୁ ବର୍ଷା ଏବଂ ଶୀତ ଦିନରେ ଥଣ୍ଡା କବଳରୁ ରକ୍ଷା ପାଇବା ପାଇଁ ସୋରିଷ ତେଲ ସହିତ ରସୁଣ ଫୁଟାଇ ସର୍ଦ୍ଦି ହୋଇଥିବା ଲୋକଙ୍କ ପାଦ ତଳେ ମାଲିସ କରିବା ଫଳରେ ସର୍ଦ୍ଦି ଓ ଥଣ୍ଡା ରୋଗରୁ ମୁକ୍ତି ମିଳିଥାଏ ।

ଶୀତ ଦିନେ ସୋରିଷ ତେଲକୁ ଦେହରେ ଲଗାଇ ପିଲାଠାରୁ ବୟସ୍କ ସମସ୍ତେ ସ୍ନାନ କରିଥାନ୍ତି ଫଳରେ ଥଣ୍ଡା ରୋଗ ଧରି ପାରି ନ ଥାଏ ।

ଶୀତ ଦିନେ ମୁଣ୍ଡ ବିନ୍ଧୁଥିଲେ ସୋରିଷ ତେଲକୁ ଗରମ କରି ମୁଣ୍ଡରେ ମାଲିସ କରିବା ଫଳରେ ମୁଣ୍ଡ ବ୍ୟଥା ତଥା ମାଇଗ୍ରେନ୍ ଦୂର ହୋଇଥାଏ ।

ସୋରିଷର ବେସରଯୁକ୍ତ ରାଇତା କିମ୍ବା ବେସର ଯୁକ୍ତ ମାଛ ତରକାରୀ ଖାଇବା ଫଳରେ ସହଜରେ କବ୍ଜ ଦୂର ହୋଇ ମଳତ୍ୟାଗ ପାଇଁ କଷ୍ଟ ହୁଏ ନାହିଁ । ଯଦି ଆପଣ ଶ୍ୱାସ ରୋଗରେ ପୀଡିତ ତେବେ ସୋରିଷ ତେଲ ଉପଯୋଗ ଏମାନଙ୍କ ପାଇଁ ରାମବାଣ ସଦୃଶ୍ୟ । ସୋରିଷରେ ରହିଥିବା ମ୍ୟାଗ୍ନେସିୟମ ଓ ତମ୍ବା ରୂପରେ ଖଣିଜ ସାର ମଧ ଗଚ୍ଛିତ ରହିଛି । ଯେଉଁଥିପାଇଁ ଶ୍ୱାସ ଚିକିତ୍ସା ପାଇଁ ଖୁବ୍ ଲାଭଦାୟକ ।

ତ୍ୱଚା ପାଇଁ ସୋରିଷ ତେଲକୁ ଘିକୁଆଁରୀ ରସ ସହିତ ମିଶାଇ ତ୍ୱଚା ଉପରେ ଲଗାଇ ପାରିବେ । ସୋରିଷ ମଞ୍ଜିରେ ପ୍ୟାକ୍ ପ୍ରସ୍ତୁତ କରି ଏହାକୁ ତ୍ୱଚାରେ ଲଗାଇଲେ ତ୍ୱଚା ସମ୍ବନ୍ଧୀୟ ସମସ୍ତ ରୋଗ ଦୂର ହୋଇଥାଏ ।

ସୋରିଷ ମଞ୍ଜି ଓ ତେଲ କେଶ ଘନ, କଳା ଏବଂ ଲମ୍ବା କରିବାରେ ପ୍ରମୁଖତା ରହିଛି । କେଶ ଝଡିବା ସମସ୍ୟାକୁ ମଧ ସୋରିଷ ତେଲ ଦୂର କରିଥାଏ ।

ଆଣ୍ଠୁ ଗଣ୍ଠି ଓ ଅଣ୍ଟା ଯନ୍ତ୍ରଣା ହେଉଥିଲେ ସୋରିଷ ତେଲକୁ ଗରମ କରି ମାଲିସ କରିବା ଫଳରେ ଯନ୍ତ୍ରଣାରୁ ଉପଶମ ମିଳିଥାଏ ।

# ଶରୀର ପାଇଁ ଲାଭଦାୟକ ବିଟ୍

ପ୍ରାୟତଃ ସାଲାଡ଼ରେ ବ୍ୟବହାର ହେଉଥିବା ବିଟ୍ ଶରୀର ପାଇଁ କେତେ ମାତ୍ରାରେ ଲାଭଦାୟୀ ତାହା ଖୁବ୍ କମ୍ ଲୋକେ ଜାଣିଥାନ୍ତି । ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ ହେବା ସହ ଏହା ଅନେକ ରୋଗରୁ ମୁକ୍ତି ଦେଇଥାଏ । ଭିଟାମିନ୍, ମିନେରାଲ, ପୋଟାସିୟମ, ଆୟୋଡିନ୍, ମ୍ୟାଗ୍ନେସିୟମ, ଭିଟାମିନ୍ ବି ୧, ବି ୨ ଓ ବି ୧୨ ସହିତ ଭିଟାମିନ୍ ସି, ଆଇରନ ଓ ଫସ୍‌ଫରସ୍ ଭରପୁର



ମାତ୍ରାରେ ରହିଛି । ଶରୀରରେ ଥିବା ଅଦରକାରୀ ପଦାର୍ଥକୁ ବାହାର କରିବାରେ ବିଟ୍ ସାହାଯ୍ୟ କରିଥାଏ । କୋଲେଷ୍ଟ୍ରୋଲର ସ୍ତର ଠିକ୍ ରଖିଥାଏ । ରକ୍ତ କଣିକାକୁ ସୁରକ୍ଷା ଦେବା ସହ ରକ୍ତପ୍ରବାହ ବଢ଼ାଇଥାଏ । ଯକୃତର କାର୍ଯ୍ୟକ୍ରମ କରାଇବାରେ ସୁଧାର ଆଣିବା ସହ ରୋଗମୁକ୍ତ କରିଥାଏ । ଆମୋନିଆ ଦୂର କରିଥାଏ । ବିଟ୍ ରସ ଲାଭକାରୀ ହୋଇଥିବା ବେଳେ ଶୀଘ୍ର ବୃଦ୍ଧତା ଆସି ନଥାଏ ।

# ଆପଣ ଜାଣନ୍ତି କି ?

- ଆମେରିକାରେ ଦେଖାଯାଉଥିବା ଛଞ୍ଚାଣ 'ବାଲ୍ଡ ଇଗଲ୍' ନାମରେ ଜଣାଯାଏ । ଏହି ଛଞ୍ଚାଣର ମୁଣ୍ଡ ଏବଂ ଲାଙ୍ଗୁଡ ଧଳା ରଙ୍ଗର ହୋଇଥିବା ବେଳେ ଦେହର ରଙ୍ଗ ଗାଢ଼ ମାଟିଆ ।
- ଅଣ୍ଡିରା ଛଞ୍ଚାଣ ଅପେକ୍ଷା ମାଈ ଛଞ୍ଚାଣ ଅଧିକ ଲମ୍ବା ଏବଂ ଅଧିକ ଓଜନ ବିଶିଷ୍ଟ ।
- ଏମାନେ ପ୍ରାୟ ୩୦ ବର୍ଷରୁ ଅଧିକ ଦିନ ବଞ୍ଚିଥାଆନ୍ତି ।
- ଛଞ୍ଚାଣ ମୁଖ୍ୟତଃ ସମୁଦ୍ର, ନଦୀ ଏବଂ ହ୍ରଦ କୂଳରେ ବସା ବାନ୍ଧି ଥାଆନ୍ତି । ଉଭୟ ମାଈ ଏବଂ ଅଣ୍ଡିରା ଛଞ୍ଚାଣ ମିଶି ବସା ତିଆରି କରନ୍ତି ।
- ଏହି ପ୍ରଜାତିର ଛଞ୍ଚାଣଙ୍କ ବିଶେଷତ୍ୱ ଏହିକି ଯେ ମାଈ ଛଞ୍ଚାଣଟି ବସା ବାନ୍ଧିବା ସ୍ଥାନଟିକୁ ସ୍ଥିର କରେ । ସେମାନେ ପ୍ରତି ବର୍ଷ ସେହି ବସାକୁ ଆସନ୍ତି । ପ୍ରତି ଥର ଏହି ବସାର ଆୟତନ ଏବଂ ଓଜନ ବଢ଼ିବାକୁ ଲାଗେ ।
- ଅନ୍ୟ ପକ୍ଷୀଙ୍କ ତୁଳନାରେ ଏମାନେ ତିଆରି କରୁଥିବା ବସା ଆକାରରେ ବଡ଼ ଏବଂ ଓଜନଦାର ।
- ଖାଦ୍ୟ ଭାବେ ଏମାନେ ମାଛ ଖାଇ ଥାଆନ୍ତି ଏବଂ ଅନ୍ୟାନ୍ୟ ସାମୁଦ୍ରିକ ଜୀବ ଖାଇବାକୁ ମଧ ପସନ୍ଦ କରନ୍ତି ।
- ମାଈ ଛଞ୍ଚାଣଟି ଏକାବେଳେ ନୁହେଁ ବରଂ ୨-୩ ଦିନ ଧରି ଅଣ୍ଡା ଦେଇଥାଏ । ୩୫ ଦିନ ପରେ ଅଣ୍ଡାରୁ ଛୁଆ ଫୁଟିଥାଏ ।
- ଛୁଆମାନେ ୧୧-୧୨ ସପ୍ତାହ ପର୍ଯ୍ୟନ୍ତ ବସାରେ ରହିଥାଆନ୍ତି । ଏହା ମଧରେ ଉଭୟ ବାପାମା' ଛୁଆମାନଙ୍କୁ ଉଡିବା ଏବଂ ଖାଦ୍ୟ ସଂଗ୍ରହ କରିବା ଶିଖାଇ ଥାଆନ୍ତି ।

# ବାସିରୁଟିର ଲାଭକାରୀ ଗୁଣ

**ଅ**ନେକ ବର୍ଗର ଲୋକେ ବାସି ଖାଦ୍ୟ ଖାଇବାକୁ ଉଚିତ ମଣି ନ ଥାନ୍ତି । କାରଣ ସେମାନଙ୍କର ଭୟ ଥାଏ ଯେ ବାସି ଖାଦ୍ୟ ଖାଇଲେ ତାହା ଶରୀରରେ ବିଷପ୍ରକ୍ରିୟା ଉତ୍ପନ୍ନ କରେ । ହେଲେ ସମସ୍ତ କ୍ଷେତ୍ରରେ ଏହି ମତ ଠିକ୍ ନୁହେଁ । ଯେ କୌଣସି ବ୍ୟଞ୍ଜନ ଫ୍ରିଜରେ ରଖି ୨/୩ ଦିନ ପର୍ଯ୍ୟନ୍ତ ଖାଇହେବ । ଏହା ସହ ଫ୍ରିଜରୁ କାଢ଼ି ମାଇକ୍ରୋୱେଭ୍ କରି ଖାଇବା ମଧ ସ୍ୱାସ୍ଥ୍ୟ ପାଇଁ ଉତ୍ତମ । ରୁଟି, ଖାଦ୍ୟର ଲୋକପ୍ରିୟତା ଭାରତରେ ସର୍ବାଧିକ । ଉତ୍ତର-ଭାରତ ଓ ପୂର୍ବ ଭାରତରେ ରୁଟି ରାତ୍ରି ଭୋଜନରେ ସଂଖ୍ୟାଧିକ ପରିବାର ଖାଉଥିବାର ଦେଖାଯାଏ । ରୁଟିରେ ପ୍ରଚୁର ପରିମାଣରେ ଫାଇବର ଓ ପ୍ରୋଟିନ୍ ଥାଏ । ଗୋଟିଏ ମଧମ ଆକାରର ରୁଟିରେ ୭୧ କ୍ୟାଲୋରୀ, ୩ ଗ୍ରାମ ପ୍ରୋଟିନ୍, ୦.୩ ଗ୍ରାମ୍ ଫ୍ୟାଟ୍, ୧୫ ଗ୍ରାମ୍ କାର୍ବୋହାଇଡ୍ରେଟ୍ ଥିବାର ଜଣାପଡିଛି । ଖାଦ୍ୟ ବିଶେଷଜ୍ଞଙ୍କ ମତରେ, ସଜ ରୁଟି ତୁଳନାରେ ବାସି ରୁଟିରେ ଅଧିକ ପୋଷକତତ୍ତ୍ୱ ରହିଥାଏ । ଖାଦ୍ୟ ବିଶେଷଙ୍କ ପ୍ରତିମା ସିଂଙ୍କ କହିବାନୁସାରେ ରୁଟିକୁ କେବେହେଲେ ଫ୍ରିଜରେ ରଖି ଖାଆନ୍ତୁ ନାହିଁ । ଏହା ପେଟରୋଗ ଆରମ୍ଭ କରେ । ଆବଶ୍ୟକ ପଡିଲେ ମାଇକ୍ରୋୱେଭ୍ କରି ଖାଇ ପାରିବେ । ନିୟମିତ ଭାବେ ଜଳଖିଆ କିମ୍ବା ଅନ୍ୟ ସମୟରେ ବାସି ରୁଟି ତରକାରି ଖାଇବା ସ୍ୱାସ୍ଥ୍ୟ ଉପରେ ଭଲ ପ୍ରଭାବ ପକାଇଥାଏ । ୧,୫୦୦ ଲୋକଙ୍କୁ



ଗବେଷଣାରେ ସାମିଲ କରିବା ପରେ ଏହି ତଥ୍ୟ ପ୍ରକାଶ କରାଯାଇଛି ।

ବାସି ରୁଟି ଖାଇଲେ ହଜମ ଶକ୍ତି ବଢ଼ିବା ସହ ରକ୍ତରେ ଶର୍କରା ନିୟନ୍ତ୍ରିତ ହୋଇଥାଏ । ପ୍ରତ୍ୟହ ବାସିରୁଟି ଖାଇଲେ ମଧୁମେହ ଆକ୍ରାନ୍ତ ହେବାର ଆଶଙ୍କା ଯଥେଷ୍ଟ କମ୍ ।

ସକାଳୁ ୨ ପଟ ଅବା ୩ ପଟ ବାସିରୁଟି ଖାଇଲେ ଅନେକ ସମୟ ପର୍ଯ୍ୟନ୍ତ ଭୋକ ଲାଗେନାହିଁ । ଅଧିକାଂଶ ଲୋକ ସମାନ ମତ ପ୍ରକାଶ କରିଛନ୍ତି ।

ପେଟ ସମସ୍ୟା ନ ହେବା ସହ ବାସି ରୁଟି ଖାଇଲେ ଶରୀରରେ ରକ୍ତ ସଞ୍ଚାଳନ ମଧ ଠିକ୍ ଭାବରେ ହୋଇଥାଏ । ଅମ୍ଳ ରୋଗୀଙ୍କ ନିମନ୍ତେ ସକାଳବେଳା ଖିର ୧ ଗିଲାସ ଓ ୨ ପଟ ବାସି ରୁଟି କୌଣସି ମହୌଷଧି ଠାରୁ କମ୍ ନୁହେଁ ।

# ଆୟୁର୍ବେଦୀୟ ଗୁଣରେ ଭରପୁର୍ କାକୁଡି

**କା**କୁଡି ସ୍ୱାସ୍ଥ୍ୟ ଏବଂ ସୌନ୍ଦର୍ଯ୍ୟ ପାଇଁ ବେଶ୍ ଲାଭକାରୀ । କମ୍ ଫ୍ୟାଟ୍ ଏବଂ କ୍ୟାଲୋରୀ ଥିବାରୁ କାକୁଡି ସେବନ ଦ୍ୱାରା ଅନେକ ରୋଗରୁ ଆରୋଗ୍ୟ ମିଳିଥାଏ । କାକୁଡିକୁ ବିଭିନ୍ନ ପ୍ରକାର ଶୈଳୀରେ ଯେମିତିକି ସାଲାଡ୍, ଜୁସ୍, ସ୍ୟାଣ୍ଡୱିଚ୍ କିମ୍ବା ଲୁଣ ପକାଇ



ଖାଇପାରିବେ । ଏହା ଆୟୁର୍ବେଦିକ ଗୁଣରେ ମଧ ଭରପୁର୍ । ଆୟୁର୍ବେଦ ଅନୁସାରେ କାକୁଡ଼ି ପିତ୍ତ ଓ ରକ୍ତ ପିତ୍ତ ଦୂର କରିବାରେ ସହାୟକ ହୋଇଥାଏ । କାକୁଡ଼ି ଖାଇବା ଦ୍ୱାରା ଗ୍ୟାଷ୍ଟ୍ରିକ୍ ଏବଂ ଛାତି ଜ୍ୱଳନରୁ ରକ୍ଷା ମିଳେ । ଆୟୁର୍ବେଦ ମୁତାବକ, ପେଟ ଗରମ କାରଣରୁ ପାଟିରୁ ଦୁର୍ଗନ୍ଧ ବାହାରିଥାଏ, ଯାହାକୁ କାକୁଡ଼ି ଖାଇ ଭଲ କରିହେବ । କାକୁଡ଼ିରେ ଭିଟାମିନ୍ ଏ, ବି-୧, ବି-୬, ସି, ଡି, ପୋଟାସିୟମ, ଫସ୍‌ଫରସ୍, ଆଇରନ ଆଦି ପ୍ରଚୁର ମାତ୍ରାରେ ରହିଥାଏ । କାକୁଡ଼ି ଖାଇଲେ ମାସିକ ଧର୍ମ ସମୟରେ ହେଉଥିବା ସମସ୍ୟାକୁ ରକ୍ଷାମିଳେ । କାକୁଡ଼ି ଏଭଳି ପରିବା ଯେଉଁଥିରେ କୋଲେଷ୍ଟରାଲ ଆଦୌ ନ ଥାଏ । ଏହାକୁ ହୃଦରୋଗୀ ଖାଇଲେ ବେଶ୍ ଉପକାରୀ ମିଳିଥାଏ ।

# କହିପାରିବେ କି ?

(୧) ସ୍ଥଳ ଭାଗର ସବୁଠାରୁ ବଡ଼ ପ୍ରାଣୀ କିଏ ଅଟେ ?

(୨) ମଣିଷ ଶରୀରର ସବୁଠାରୁ ଲମ୍ବା ହାଡ଼ ତାର ଶରୀରରେ କେଉଁଠିଥାଏ ?

(୩) ବିଶ୍ୱର ସବୁଠାରୁ ବଡ଼ ଦେଶ କିଏ ଅଟେ ?

(୪) ଓଡ଼ିଶାର କେଉଁ ଅଞ୍ଚଳକୁ ଶାବର ଶ୍ରୀକ୍ଷେତ୍ର କୁହାଯାଏ ?

(୫) ମଣିଷ ଶରୀରରେ କେତୋଟି ହାଡ଼ ରହିଛି ?

(୬) ହାଡ଼ର ଆଭ୍ୟନ୍ତରୀଣ ଅଂଶରେ କ'ଣ ରହିଛି ?

(୭) ରୁମ୍ ତାପମାତ୍ରାରେ କେଉଁ କଠିନଟି ତରଳ ଅବସ୍ଥାରେ ରହିଥାଏ ?

(୮) ବ୍ୟାଟେରୀକୁ କ'ଣ କଲେ ଏହାକୁ ଦୀର୍ଘସ୍ଥାୟୀ କରାଯାଇପାରେ ?

(୯) କୁକୁରକୁ ଭୟ କରୁଥିବା ମଣିଷଙ୍କର ଫୋବିୟାକୁ କ'ଣ କୁହାଯାଏ ?

(୧୦) ଭଗବାନ୍ ଶ୍ରୀକୃଷ୍ଣଙ୍କ ଶାସ୍ତ୍ରଗୁରୁ କିଏ ଥିଲେ ?

## JUMBLE WORDS

| | | | |
|---|---|---|---|
| 1) CENUL | = | 6) DHEEG | = |
| 2) GINVE | = | 7) LATICI | = |
| 3) AMPIRI | = | 8) LNCIHF | = |
| 4) CAUNNE | = | 9) RFATE | = |
| 5) LROYG | = | 10) LOOCR | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧.ସେରେବ୍ରମ୍, ୨.ବଟାନୀ, ୩.ନୀଲ ଆର୍ମଷ୍ଟ୍ରଙ୍ଗ୍, ୪.ନୀଳ ନଦୀ, ୫.ଶରୀର ତାପମାନ, ୬.ରୋଗ, ୭.ଆୟୁର୍ବେଦ, ୮.ଡ.ବିଧାନ ଚନ୍ଦ୍ର ରାୟ, ୯.ଅଥର୍ବବେଦ, ୧୦. ସୁଶ୍ରୁତ ।

***Jumble Words*** ର ଉତ୍ତର :-

(1) PANIC (2) CARGO (3) PULPIT (4) LOUNGE (5) WHILE

(6) SWOON (7) LOCALE (8) HUDDLE (9) SLANT (10) DFTEN

## ଆପଦ ମିତ୍ରମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଝାରସୁଗୁଡ଼ା : ପତ୍ରପାଲି ସ୍ଥିତ ଦକ୍ଷତା ବିକାଶ କେନ୍ଦ୍ରରେ ୧୨ ଦିନ ବ୍ୟାପୀ ହେବାକୁ ଥିବା ଆବାସିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ସରୋଜ କୁମାର ସାମଲ ଉଦଘାଟନ କରିଛନ୍ତି । କୁମାରବନ୍ଧ ଓ କୋଲାବିରା ମହାବିଦ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୪୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି । ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲକ୍ଷେଶ୍ୱର ଅମାତ ଆପଦ ମିତ୍ରମାନେ ବିପର୍ଯ୍ୟୟ ପରିଚାଳନାରେ କିଭଳି ଦାୟିତ୍ୱ ତୁଲାଇବେ ସେ ସମ୍ପର୍କରେ ଆଲୋଚନା କରିଥିଲେ । ଡିପିଓ ସୁଶାନ୍ତ ମିଶ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିବା ବେଳେ ଡେପୁଟି କଲେକ୍ଟର ପ୍ରତିମା ମିଞ୍ଜ ଧନ୍ୟବାଦ ଦେଇଥିଲେ । ଓଡ୍ରାଫରୁ ବଲବୀର ଥାପା ଓ ପ୍ରେମ ବାହାଦୁର, ଅଗ୍ନିଶମ ସେବା ଅଧିକାରୀ ପ୍ରତାପ ଏକ୍କା, ସାଧାନ ସାହୁ ଓ ପ୍ରଶାନ୍ତ ସିରଦାର, ରାଉରକେଲା ସିଭିଲ ଡିଫେନ୍ସରୁ ପ୍ରମୋଦ ଦଳାଇ, ପ୍ରକାଶ କୁମାର ସିୟା ପ୍ରମୁଖ ୧୨ ଦିନ ବ୍ୟାପୀ ଆପଦମିତ୍ରମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବେ ।

## ମୁହୁରୀ କଳାପରିଷଦ ଅନୁଷ୍ଠାନ ଦ୍ୱାରା ମାଟିର ତାସା ବଣ୍ଟନ

ବଲାଙ୍ଗୀର : ପାଟଣାଗଡ ବ୍ଲକ ଅନ୍ତର୍ଗତ କୁତମୁଣ୍ଡା ଗ୍ରାମର ମୁହୁରୀ କଳାପରିଷଦ ଅନୁଷ୍ଠାନର ସମ୍ପାଦକ ଭେଳାରାମ କୁମ୍ଭାରଙ୍କ ଆବାହନରେ ମାଟିର ତାସା ବଣ୍ଟନ କରାଯାଇଥିଲା । ଏହି ଅବସରରେ ଲୋକ କଳାକାର ମନୋଜ ବାଗ ଯୋଗ ଦେଇଥିଲେ । ଏହି ବଣ୍ଟନ ଉତ୍ସବରେ ୧୨ଗୋଟି ଗ୍ରାମର କଳାକାର ମାନେ ଯୋଗ ଦେଇଥିଲେ । ସିନ୍ଦୂର ନାଗ, ରାଜୁ ତାଣ୍ଡି, ଗିରିଧାରୀ କୁମ୍ଭାର, ମନବୋଧ ଶିକା, ବିଶାମିତ୍ର କୁମ୍ଭାର, ନୀରନ୍ତ୍ର ନାଗ, ଅଭିମନ୍ୟୁ ଦୀପ, ବିଶ୍ୱନାଥ କୁମ୍ଭାର, କଳାକୃଷ୍ଣ ମହାନନ୍ଦ, ସୁଶୀଲ ରାଏ, ଯାପାନ ନାଗ, କିରଟି କୁମ୍ଭାର, ଧନେଶ୍ୱର ବାଗ ଏବଂ ସଭା ଶେଷରେ ଉପ-ସଭାପତି ମୁରଲୀ ଶିକା ଧନ୍ୟବାଦ ଅର୍ପଣ କରିଥିଲେ ।

## ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପକ୍ଷରୁ ଶିଶୁ ଦିବସ

ସମ୍ବଲପୁର : ବଡ଼ବଜାର ସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପକ୍ଷରୁ ଶିଶୁ ଦିବସ ପାଳିତ ହୋଇଯାଇଛି । ଶିକ୍ଷାକେନ୍ଦ୍ରର ଅଧକ୍ଷା ବବିତା ଦାସ ଙ୍କର ଅଧକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ସମାଜସେବୀ କାର୍ତ୍ତିକ ପ୍ରସାଦ ବହିଦାର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀ ମାନେ ପ୍ରାରମ୍ଭିକ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରିଥିଲେ । ଛାତ୍ରୀମାନେ ଚିତ୍ତାକର୍ଷକ ସମ୍ବଲପୁରୀ ଡାଲଖାଇ ନୃତ୍ୟ ପରିବେଷଣ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ କୌତୁକ ପୋଷାକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଶିକ୍ଷୟିତ୍ରୀ ସୁଶ୍ରୀ ତୃପ୍ତି ମାଝୀ, ସୁଶ୍ରୀ ସୁଜ୍ଞାନୀ ମାହାଣା ଓ ସନ୍ତୋଷିନୀ ସୁନା ସମାରୋହକୁ ସଫଳ ଭାବରେ ସଂଯୋଜନା କରିଥିଲେ ।

## ସମ୍ବଲପୁର ସହରୀ ବନ୍ୟାକରଣ ସମ୍ପର୍କରେ କର୍ମଶାଳା

ଭୁବନେଶ୍ୱର : ଜାତୀୟ ଜଳବିଜ୍ଞାନ ବିଭାଗ ଏବଂ ରାଜ୍ୟ ଜଳସମ୍ପଦ ବିଭାଗ ତରଫରୁ ସମ୍ବଲପୁରର ସହରୀବନ୍ୟାର ନିରାକରଣ ନିମନ୍ତେ ଭିଏସଏସୟୁଟି, ବୁର୍ଲା ସହିତ ଏକ କର୍ମଶାଳା ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଡକ୍ଟର ଚନ୍ଦ୍ରଶେଖର ପାଢ଼ୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ସହରୀବନ୍ୟାର ପ୍ରାଦୁର୍ଭାବ ଏବଂ ନିରାକରଣ ନିମନ୍ତେ ବହୁ ଆଲୋଚନା ଓ ପ୍ରତ୍ୟାଲୋଚନା ପର୍ଯ୍ୟବେଶିତ ହୋଇଥିଲା । ସମ୍ବଲପୁରର ସହରୀ ବନ୍ୟାକୁ ଦୂର କରିବା ପାଇଁ ହୀରାକୁଦ ବନ୍ଧ ଓ ସହର ମଧ୍ୟରେ ଥିବା ଅନ୍ୟାନ୍ୟ ନାଳ ଗୁଡିକର ଭୂମିକା ଉପରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତାମାନେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପରିବେଶ ପରିବର୍ତ୍ତନ ବିଭାଗର ମୁଖ୍ୟ ଯନ୍ତ୍ରୀ ଡି. ଡି. ଆର. ଆର. ପଟ୍ଟନାୟକ, ହାଇଡ୍ରୋମେଟ୍ରିକର ମୁଖ୍ୟ ଯନ୍ତ୍ରୀ କୃଷ୍ଣଚନ୍ଦ୍ର ମହାନ୍ତି, ହାଇଡ୍ରୋମେଟ୍ରିକର ନିର୍ଦ୍ଦେଶକ ସୁଜିତ କୁମାର ମହାରଣା, ଡିଜାଇନ ବିଭାଗର ମୁଖ୍ୟ ଯନ୍ତ୍ରୀ ଲିଙ୍ଗରାଜ ଗୌଡ଼, ଭିଏସଏସୟୁଟି ବୁର୍ଲାର ପ୍ରଫେସର ଡକ୍ଟର ଅନିଲ କର, ପ୍ରଫେସର ଡକ୍ଟର ପ୍ରକାଶ ଚନ୍ଦ୍ର ସ୍ୱାଇଁ ଏବଂ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ । ସମ୍ବଲପୁର ବନ୍ୟାକୁ ରୋକିବା ପାଇଁ ବିଭିନ୍ନ ଆକଳନ କରାଯାଇଥିଲା ଏବଂ ଏହିସବୁ ଆକଳନ ଭିତରୁ, କେଉଁ ଆକଳନଟିକୁ ସରକାରୀ ସ୍ତରରେ ଗ୍ରହଣ ଯୋଗ୍ୟ କରିହେବ, ଅଥବା କିଛି ସମ୍ମିଳିତ ଉଦ୍ୟୋଗ ଏବଂ ପଦକ୍ଷେପ ଗ୍ରହଣ କରି କିପରି ସହରୀ ବନ୍ୟାକୁ ନିୟନ୍ତ୍ରଣ କରିହେବ, ସେ ଦିଗରେ ଅନୁସନ୍ଧାନ କରାଯାଇଥିଲା । ଏହି କାର୍ଯ୍ୟଟିକୁ ବୁର୍ଲା ସିଭିଲ ଇଂଜିନିୟରିଂ ବିଭାଗର ପ୍ରଫେସର ପ୍ରକାଶ ଚନ୍ଦ୍ର ସ୍ୱାଇଁ ଏବଂ ପ୍ରଫେସର ଅନିଲ କୁମାର କରଙ୍କୁ ଦାୟିତ୍ୱ ଦିଆଯାଇଥିବାରୁ ସେମାନେ ଏହି କାର୍ଯ୍ୟର ବର୍ତ୍ତମାନ ସୁଦ୍ଧା ସରିଥିବା କାମର ରୂପରେଖ ଉପରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ ଏବଂ ଉପସ୍ଥିତ ଅତିଥି ମାନଙ୍କଠାରୁ ପରବର୍ତ୍ତୀ କାର୍ଯ୍ୟ ପାଇଁ ପରାମର୍ଶ ଗୁଡିକ ଗ୍ରହଣ କରିଥିଲେ । ଏହି ପରାମର୍ଶ ଗୁଡିକ କାର୍ଯ୍ୟରେ କିଭଳି ସଠିକ ଉପଯୋଗ କରାଯାଇପାରିବ, ସେ ବିଷୟରେ ମଧ ଆଲୋଚନା କରାଯାଇଥିଲା । ଶେଷରେ ମନମୋହନ ଷଡ଼ଙ୍ଗୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ସମ୍ବଲପୁର ନାଟ୍ୟକଳା ପରିଷଦର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ

ସମ୍ବଲପୁର : ସ୍ଥାନୀୟ ଝାଡୁଆପଡ଼ା ସ୍ଥିତ 'ଆରଣ୍ୟକ' ମଞ୍ଚରେ ସମ୍ବଲପୁର ନାଟ୍ୟକଳା ପରିଷଦର ଦୁଇଦିନିଆ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦଯାପିତ ହୋଇଯାଇଛି । ପ୍ରଥମ ଦିନ ନାଟ୍ୟ ଅଭିନେତା ଓ ନିର୍ଦ୍ଦେଶକ ବିରୁପାକ୍ଷ ପ୍ରଧାନଙ୍କ ମଣିଷର ସମ୍ପର୍କକୁ ନେଇ ନାଟକ 'ପବିତ୍ର ସମ୍ପର୍କ' ପରିବେଷିତ ହୋଇଥିଲା । ୧୩ ଟି ଚରିତ୍ରକୁ ନେଇ ହୃଦୟସ୍ପର୍ଶୀ ନାଟକରେ ପିହୁ ଚରିତ୍ରରେ ଅନନ୍ୟା ପ୍ରଧାନଙ୍କ ଅଭିନୟ ଦର୍ଶକଙ୍କ ମନକୁ ଛୁଇଁଥିଲା । ଉଦଯାପନୀ ସଭାପରେ ନାଟ୍ୟକାର ପ୍ରଶାନ୍ତ ମହାରଣାଙ୍କ ନାଟକ 'ବ୍ରହ୍ମାସ୍ତ୍ର' ପରିବେଷଣ କରାଯାଇଥିଲା । କୁଳାଙ୍ଗାର ପୁଅକୁ ସୁଧାରିବା ପାଇଁ ସବୁ ଅସ୍ତ୍ର ପ୍ରୟୋଗ କରି ନିରାଶ ହେଲା ପରେ ମୁଖ୍ୟ ଚରିତ୍ର ଅସହାୟ ବାପା ନିରୁପାୟ ହୋଇ ନାତିକୁ ବ୍ରହ୍ମାସ୍ତ୍ର ରୂପରେ



ପ୍ରୟୋଗ କରିଛନ୍ତି । ଅଭିନେତା ନରେନ୍ଦ୍ର ବେହେରାଙ୍କ ବାପା ଭୂମିକାରେ ଅଭିନୟ ହୃଦୟସ୍ପର୍ଶୀ ଥିଲା । ଅନୁଷ୍ଠାନର ସଭାପତି ଶିବନାରାୟଣ ଶତପଥୀଙ୍କ ଅଧକ୍ଷତାରେ ମହାନଗର ନିଗମ ଆୟୁକ୍ତ ପ୍ରଦୀପ କୁମାର ସାହୁ ଓ ପ୍ରଫେସର ଶଙ୍କର ପ୍ରସାଦ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବରିଷ୍ଠ ସଭ୍ୟ ତଥା ପୂର୍ବତନ ସମ୍ପାଦକ ସତ୍ୟାନନ୍ଦ ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନର ସମ୍ପାଦକ ଡକ୍ଟର ସିଦ୍ଧାର୍ଥ ପଣ୍ଡା ପ୍ରାରମ୍ଭିକ ସୂଚନା ସହ ସଭା ସଂଯୋଜନା କରିଥିବା ବେଳେ ଡକ୍ଟର ସତ୍ୟନାରାୟଣ ଠାକୁର ମାନପତ୍ର ପାଠ ଏବଂ ବୋଧରାମ ଦାଶ ପରିଚାଳନା କରିଥିଲେ । ସଦସ୍ୟ ଶିରୀଶ ପୂଜାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭବିଷ୍ୟତ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶିଶୁ ଦିବସ ପାଳିତ

ସମ୍ବଲପୁର : ଭବିଷ୍ୟତ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଠାରେ ଶିଶୁ ଦିବସ ପାଳିତ ହୋଇଯାଇଛି । ପୂର୍ବତନ ସାଂସଦ ତଥା ସଭାପତି ସୁଶ୍ରୀ ପ୍ରମିଳା ବହିଦାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ୍ ଶ୍ରୀମତୀ ମୀନାକ୍ଷୀ ପୂଜାରୀ ମୁଖ୍ୟ ଅତିଥି ଓ ସମାଜସେବୀ ପଦ୍ମାଳୟା ପଟ୍ଟନାୟକ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ କୁନି ଲତା ଦେଇ ତଥା ଅନ୍ୟାନ୍ୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ । ଶେଷରେ ଶ୍ରୀ ବାବାଜୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଦ୍ୟାଳୟରେ ପିଲାମାନଙ୍କ ମଧ୍ୟରେ ବିଜ୍ଞାନମେଳା, ଫେନସି ଡ୍ରେସ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

## ସାମ୍ବାଦିକ ପ୍ରଫୁଲ୍ଲ ପଣ୍ଡାଙ୍କ ଆରୋଗ୍ୟ କାମନା କଲେ କେରଳ ରାଜ୍ୟପାଳ

ସମ୍ବଲପୁର : ଭୟଙ୍କର ହୃଦରୋଗ ଏବଂ କ୍ରୋନିକ ଅଲସରରେ ଦୀର୍ଘଦିନ ହେବ ଚିକିତ୍ସାଧୀନ ଥିବା ସମ୍ବଲପୁରର ବରିଷ୍ଠ ସାମ୍ବାଦିକ ତଥା ଜଣାଶୁଣା ପତ୍ର ସାହିତ୍ୟିକ ପ୍ରଫୁଲ୍ଲ ପଣ୍ଡାଙ୍କୁ କେରଳ ରାଜ୍ୟପାଳ ଆରିଫ୍ ମହମ୍ମଦ ଖାନ୍ ଭୂୟସୀ ପ୍ରଶଂସା କରିଛନ୍ତି । ରାଜ୍ୟପାଳ ବ୍ୟକ୍ତିଗତ ଭାବେ ତାଙ୍କ ପତ୍ରରେ ପ୍ରଫୁଲ୍ଲଙ୍କ ଚିଠିରେ ଲେଖା ଶୈଳୀ, ମହାମହିମ ରାଜ୍ୟପାଳଙ୍କ କାର୍ଯ୍ୟଧାରା, ଆଦର୍ଶ ଦେଶ ପ୍ରେମ ତା ସହ ଅତୀତରେ ହିଜବ ବିବାଦ ସମୟରେ ସ୍କୁଲ କଲେଜରେ ହିଜବ ନିରୋଧାକୁ ସମର୍ଥନ କରିବା ସହ ଧର୍ମ ନିରପେକ୍ଷ ଶିକ୍ଷାନୁଷ୍ଠାନ ଗୁଡିକରେ ଇସଲାମୀୟ କରଣକୁ ରାଜ୍ୟପାଳ ଆରିଫ୍ ମହମ୍ମଦ ଖାନ୍ ଯେଉଁ ବିରୋଧ କରି ଦେଶରେ ଚର୍ଚ୍ଚିତ ହୋଇଥିଲେ ସେ ବାବଦରେ ପ୍ରଫୁଲ୍ଲ ରାଜ୍ୟପାଳଙ୍କୁ ଲେଖିଥିବା ପତ୍ରର ଭୂୟସୀ ପ୍ରଶଂସା ସହିତ ସମାଜ ପ୍ରତି ପ୍ରଫୁଲ୍ଲଙ୍କର ସାମ୍ବାଦିକତା କ୍ଷେତ୍ରରେ ଥିବା ଅବଦାନର ଗୁଣଗାନ କରି ଉତ୍ତମ ସ୍ୱାସ୍ଥ୍ୟ ଓ ଦୀର୍ଘ ଜୀବନ କାମନା କରିଛନ୍ତି । କେରଳ ରାଜଭବନରୁ ରାଜ୍ୟପାଳନଙ୍କ ବ୍ୟକ୍ତିଗତ ସଚିବ ପ୍ରଫୁଲ୍ଲଙ୍କ ସହ ସ୍ୱାସ୍ଥ୍ୟ ଅବସ୍ଥା ନେଇ ଟେଲିଫୋନରେ ବାର୍ତ୍ତାଳାପ ମଧ କରିଥିଲେ ।

## 'ସକାଳ' ଦ୍ୱିତୀୟ ସ୍ୱନକ୍ଷତ୍ର ଉପଲକ୍ଷେ ବିତର୍କ ପ୍ରତିଯୋଗିତା

ସମ୍ବଲପୁର : ଦୈନିକ ସମ୍ବାଦପତ୍ର 'ସକାଳ'ର ଦ୍ୱିତୀୟ ସ୍ୱନକ୍ଷତ୍ର ଉପଲକ୍ଷେ ଗୁରୁନାନକ ପବ୍ଲିକ ସ୍କୁଲରେ କନିଷ୍ଠ ଓ ବରିଷ୍ଠ ବର୍ଗରେ ବିତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । 'ସକାଳ' ପଶ୍ଚିମ ଓଡ଼ିଶା ସଂସ୍କରଣର ଶାଖା ପରିଚାଳକ ନରୋତ୍ତମ ଗୁରୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅର୍କ କୁମାର ଦାସମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଗୁରୁନାନକ ପବ୍ଲିକ ସ୍କୁଲ ଅଧକ୍ଷ ରବୀନ୍ଦ୍ର ନାଥ ଦାଶ ଓ ସ୍କୁଲ ପରିଚାଳନା କମିଟି ସମ୍ପାଦକ ରଣଜିତ ସିଂହ ସାଲୁଜା ଉପସ୍ଥିତ ଥିଲେ । ଜିଲ୍ଲା ପ୍ରତିନିଧ ବିମଳକୃଷ୍ଣ ଥାପ୍ପ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ।

ପ୍ରତିଯୋଗିତାରେ କନିଷ୍ଠ ବିଭାଗରେ ୩୮ ଜଣ ଓ ବରିଷ୍ଠ ବିଭାଗରେ ୩୧ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ବରିଷ୍ଠ ବିଭାଗରେ ବିଚାରକ ଭାବେ ପୂର୍ବତନ ଅଧକ୍ଷ ପ୍ରଫେସର ସୁଦର୍ଶନ ପୂଜାରୀ, ଶିକ୍ଷାବିତ ଅରବିନ୍ଦ ମହାପାତ୍ର ଓ ବରିଷ୍ଠ ସାମ୍ବାଦିକ ପ୍ରମୋଦ ପଟ୍ଟନାୟକ ଯୋଗ ଦେଇଥିଲେ । କନିଷ୍ଠ ବିଭାଗରେ ଶିକ୍ଷାବିତ ଶେଫାଳି ଦାଶ, ବରିଷ୍ଠ ସାମ୍ବାଦିକ ହେମନ୍ତ ମହାପାତ୍ର ଓ ଶିକ୍ଷାବିତ ତଥା ପ୍ରକୃତିବନ୍ଧୁ ଉଦିତ ଚନ୍ଦ୍ର ପାଙ୍ଗଯୋଶୀ ଯୋଗଦେଇ ମୂଲ୍ୟାଙ୍କନ କରିଥିଲେ । କାର୍ଯ୍ୟକ୍ରମରେ 'ସକାଳ'ର ସହସମ୍ପାଦକ ପ୍ରମୋଦ ବହିଦାର, ନନ୍ଦିଘୋଷ ଟିଭିର ପଶ୍ଚିମ ଓଡ଼ିଶା ବ୍ୟୁରୋ ମୁଖ୍ୟ ସମୀର



ଷଡ଼ଙ୍ଗୀ, ଆଡ଼ମିନ୍ ଆସିଷ୍ଟାଣ୍ଟ ସୟଦ ହବିବ, ସକାଳ ଓ ନନ୍ଦିଘୋଷ ପରିବାରର ସଦସ୍ୟ ନିଲୁ ସାହୁ, ଚୈତନ୍ୟ ନାୟକ, ନରସିଂହ ବଗର୍ତ୍ତି, ସୁଶାନ୍ତ ପୁରୋହିତ, ବିଶ୍ୱନାଥ ବାରିକ, ନିରଞ୍ଜନ ଲେଙ୍କା, ଅରବିନ୍ଦ ପ୍ରଧାନ, ଗୋଲକ ଛତ୍ରିଆ, ସୁମନ୍ତ ଛଣ୍ଡା ଓ ଅର୍ମାନ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ ।


### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନଆର୍ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

20 - 26 November 2022



# ସାଇ ଶିକ୍ଷା ପରିଷଦର ସାଂସ୍କୃତିକ କାର୍ଯ୍ୟକ୍ରମ

ସମ୍ବଲପୁର: ସାଇ ଶିକ୍ଷା ପରିଷଦ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରିଶା ମିଶ୍ର ଲିଟିଲ ମିସ ଏବଂ ସୋହିଲ ଯାଦବ ଲିଟିଲ ମାଷ୍ଟର ଟାଇଟଲ ହାସଲ କରିଛନ୍ତି । ସେହିପରି ଲିଟିଲ ମିସ ବର୍ଗରେ ଆହାନା ପୁରୋହିତ ପ୍ରଥମ ରନର୍ସ ଅପ ଓ ଅମୃତାୟ ସାହୁ ଦ୍ୱିତୀୟ ରନର୍ସ ଅପ ହୋଇଛନ୍ତି । ଲିଟିଲ ମାଷ୍ଟର ବର୍ଗରେ

## ‘ଉଡାନ୍’ ଛାତ୍ରୀଙ୍କ କମାଲ

ରେବେଲ ପ୍ରତାପ ସିଂ ପ୍ରଥମ ରନର୍ସ ଅପ ଓ ଦକ୍ଷ୍ୟ ଓମତ ଦ୍ୱିତୀୟ ରନର୍ସ ଅପ ଟାଇଟଲ ହାସଲ କରିଛନ୍ତି । ଏଥିସହ ସଂଗୀତ, କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ସ୍ୱର୍ଗତ ଅରୁଣ ପ୍ରସନ୍ନ ସେଠଙ୍କ ପରିବାରଙ୍କୁ ମରଣୋତ୍ତର ସାଂସ୍କୃତିକା ସମ୍ମାନ-୨୦୨୨, ଗୁରୁ ରଞ୍ଜନ କୁମାର ସାହୁଙ୍କୁ ସ୍ୱର୍ଗତ ପ୍ରଭୁଦତ୍ତ ପ୍ରଧାନ ସ୍ମାରକୀ ସମ୍ମାନ ଏବଂ ଅନ୍ୱେଶା ଅଦିତି ମହାପାତ୍ରଙ୍କୁ ଯୁବ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା । ସାଂସ୍କୃତିକା କାର୍ଯ୍ୟକ୍ରମ ଅଧକ୍ଷ ଭକ୍ତ ପ୍ରସାଦ ନନ୍ଦଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ ମୁଖ୍ୟଅତିଥି, ଡାକ୍ତର ଶଙ୍କର ରାମଚନ୍ଦନୀ, ନୃତ୍ୟ ଶିଳ୍ପୀ



ପ୍ରତୀକ ନାୟକ , ଆନନ୍ଦ ଅଗ୍ରୱାଲ, ଅଲିମ କାମଦାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ମୁଖ୍ୟ ସଂଯୋଜକ ସପନ ମିଶ୍ର ଅତିଥି ସ୍ୱାଗତ କରିଥିବା ବେଳେ ସହ ସଂଯୋଜକ ତ୍ରିଲୋଚନ ତ୍ରିପାଠୀ ଧନ୍ୟବାଦ ଅର୍ପଣ ଏବଂ ଡକ୍ଟର ସୀମାନ୍ତିକା ଦାଶ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସାଇ ଶିକ୍ଷା ପରିଷଦ ଅଧକ୍ଷ ନନ୍ଦ କିଶୋର ସାହୁ ସୂଚନା ପ୍ରଦାନ କରିଥିଲେ । ଏତଦବ୍ୟତୀତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା । ସମ୍ବଲପୁରୀ, ରସରକେଲି, ଚୁଟକୁଚୁଟା, ମାଏଲାଜଡ଼, ହିପଅପ, ଓଡ଼ିଶୀ, ଲଘୁ ଶାସ୍ତ୍ରୀୟ ନୃତ୍ୟ ଓ ସଂଗୀତ ପରିବେଷିତ ହୋଇଥିଲା । ସୂଚନା ଯୋଗ୍ୟ ଯେ, ଫାଇନାଲ ରାଉଣ୍ଡରେ ୬ରୁ ୧୨ ବର୍ଷ ବୟସର ୩୪ ଜଣ ବାଳିକା ବାଳକ ନିଜର ଦକ୍ଷତା ପ୍ରତିପାଦନ କରିଥିଲେ । ଅସୀମ କୁମାର ପ୍ରଧାନ, ଅତିଶ କୁମାର ଶତପଥି, ଚର ନଙ୍ଗୀତ କୌର, ତନୁଜା ମହାପାତ୍ର, ଶିଶିର କର, ଉତ୍ତମ ସିଂ, ସଞ୍ଜୟ ସାହୁ, ମିନତୀ ସାହୁ, ପୁନମ କୁମାର, ଡ. ଦୀପକ ପାଣିଗ୍ରାହୀ, ସାନ୍ତା ପଣ୍ଡା ଓ ସୁମନ ଅଗ୍ରୱାଲ ବିଚାରକ ଥିଲେ ।

# ୩ ଲିଟିଲ୍ ମିସ୍ ଟାଇଟଲ୍ ଧାରୀଙ୍କୁ ଉଡାନ୍ ପକ୍ଷରୁ ସମ୍ବର୍ଦ୍ଧନା

ସମ୍ବଲପୁର : ନିକଟରେ ସାଇ ଶିକ୍ଷା ପରିଷଦ ପକ୍ଷରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଲିଟିଲ୍ ମିସ୍ ଓ




ଲିଟିଲ୍ ମାଷ୍ଟର ପ୍ରତିଯୋଗିତାରେ ଉଡାନ୍ ଅନୁଷ୍ଠାନର ୩ ଜଣ ଛାତ୍ରୀ ସଫଳତା ହାସଲ କରିଥିଲେ । ପ୍ରିଶା ମିଶ୍ର ଲିଟିଲ୍ ମିସ୍ ସମ୍ବଲପୁର ଟାଇଟଲ୍ ହାସଲ କରିଥିବା ବେଳେ ଆହନା ପୁରୋହିତ ପ୍ରଥମ ରନର୍ସଅପ୍ ଓ ଅମୃତୋୟା ସାହୁ ଦ୍ୱିତୀୟ ରନର୍ସଅପ୍ ଟାଇଟଲ୍ ହାସଲ କରିଥିଲେ । ଅନୁଷ୍ଠାନ ପକ୍ଷରୁ ଏକ ସ୍ୱତନ୍ତ୍ର ଉତ୍ସବରେ ଏହି ତିନି କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଉଡାନ୍‌ର ଉପଦେଷ୍ଟା କମିଟିର ଅଧକ୍ଷ ହେମନ୍ତ କୁମାର ମହାପାତ୍ର, ପ୍ରତିଷ୍ଠାତା ରମେଶ ସାହା ଓ ନିର୍ଦ୍ଦେଶିକା ତମନ୍ନା ସାମନ୍ତରାୟ ପ୍ରମୁଖ ଏହି କୃତୀ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ନିର୍ଦ୍ଦେଶିକା ଶ୍ରୀମତୀ ସାମନ୍ତରାୟ ସୂଚନା ଦେଇ କହିଥିଲେ ଯେ ଉକ୍ତ ୩ କୃତୀ ଛାତ୍ରୀଙ୍କୁ ୩ ବର୍ଷରୁ ତାଲିମ ଦିଆଯାଇ ଆସୁଛି । ଅନୁଷ୍ଠାନ ପକ୍ଷରୁ ଆସନ୍ତା ଡିସେମ୍ବରରେ ‘ରନୱେ ସିଜନ୍-୨’ର ଆୟୋଜନ କରାଯିବ ବୋଲି ସେ ସୂଚନା ଦେଇଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ଶ୍ରୀ ସାହା ସୂଚନା ଦେଇ କହିଥିଲେ ଯେ ‘ରନୱେ ସିଜନ୍ -୨’ରେ ସ୍ଥାନୀୟ ଡିଜାଇନର ତଥା ପିଲାମାନଙ୍କୁ ମଞ୍ଚ ପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ । ଏହି ସମ୍ବର୍ଦ୍ଧନା ସଭାରେ ଲିଟିଲ୍ ମିସ୍ ଟାଇଟଲ ହାସଲ କରିଥିବା ପ୍ରିୟା ଭାରତନାଟ୍ୟମ୍ ଶିକ୍ଷା କରୁଥିବା ବେଳେ ଭବିଷ୍ୟତରେ ଜଣେ ଦନ୍ତରୋଗ ବିଶେଷଜ୍ଞ ହେବେ ବୋଲି କହିଥିଲେ । ସେହିପରି ପ୍ରଥମ ରନର୍ସଅପ୍ ଦ୍ୱିତୀୟ ଶ୍ରେଣୀର ଛାତ୍ରୀ ଆହାନ ଭବିଷ୍ୟତରେ ଜଣେ ପ୍ରତିଷ୍ଠିତ ସୁପର ମଡେଲ ହେବାକୁ ଇଚ୍ଛା କରିଛନ୍ତି । ଦ୍ୱିତୀୟ ରନର୍ସଅପ୍ ୮ ବର୍ଷର ଅମୃତୋୟା ଭବିଷ୍ୟତରେ ଜଣେ ଆଇପିଏସ୍ ହେବାକୁ ଲକ୍ଷ୍ୟ ରଖିଛନ୍ତି ।

# ଏଗ୍ରିକୋ ଫ୍ରେସ୍ ଆଉଟଲେଟ୍ ଆର୍‌ଡିସିଙ୍କ ଦ୍ୱାରା ଉଦ୍‌ଘାଟିତ

ଝାରସୁଗୁଡ଼ା: ଝାରସୁଗୁଡ଼ା ଉଦ୍ୟାନ କୃଷି ବିଭାଗ କାର୍ଯ୍ୟାଳୟକୁ ଲାଗି ଏଗ୍ରିକୋ ଫ୍ରେସ୍ ଆଉଟଲେଟ୍‌କୁ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡକ୍ଟର ସୁରେଶ ଚନ୍ଦ୍ର ଦଳାଇ ଉଦ୍‌ଘାଟନ କରିଛନ୍ତି । ଜିଲ୍ଲା ପ୍ରଶାସନର ସହାୟତାରେ ନିର୍ମିତ ତଥା ସଂକଳ୍ପ ଉତ୍ପାଦକ ଗୋଷ୍ଠୀ ଦ୍ୱାରା ପରିଚାଳିତ ଏହି ଆଉଟଲେଟ୍‌ରେ ଚାଷୀମାନଙ୍କ ଦ୍ୱାରା ଉତ୍ପାଦିତ ପନିପରିବା ସିଧାସଳଖ ବିକ୍ରି ଉଦ୍ଦେଶ୍ୟରେ ଉପଲବ୍ଧ ହେବ । ପ୍ରତ୍ୟହ ତଟକା ପନିପରିବା ସୁଲଭ ମୂଲ୍ୟରେ ଗ୍ରାହକଙ୍କ ଲାଗି ଉପଲବ୍ଧ ହେବା ସହ ଜୈବିକ ପ୍ରଣାଳୀ ଅବଲମ୍ବନ କରି ଚାଷ କରୁଥିବା ଚାଷୀଙ୍କ ପନିପରିବାକୁ ପ୍ରାଧାନ୍ୟ ଦେଇ ଏଠାରେ ବିକ୍ରି ପାଇଁ ବ୍ୟବସ୍ଥା କରାଯିବ । ଏହି ଅବସରରେ ଜିଲ୍ଲାପାଳ ସରୋଜ କୁମାର ସାମଲ, ମୁଖ୍ୟ ଉନ୍ନୟନ ଏବଂ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଝାରସୁଗୁଡ଼ା ତପୀରାମ ମାଝୀ, ଉଦ୍ୟାନ କୃଷି ବିଭାଗର ସହକାରୀ ନିର୍ଦ୍ଦେଶକ ମନୋରଞ୍ଜନ ନନ୍ଦ, ଆଜ୍‌କାର ମୁଖ୍ୟ ଗୌତମ ବେହେରା, ଡିଏମ୍‌ଏଫ୍ ଟିମ ଲିଡର ନଳିନୀକାନ୍ତ ଦାଶ, ସଂକଳ୍ପ ନିର୍ଦ୍ଦେଶକ ସୁଷମା ପ୍ରଧାନ, ସେୱାର ମୁଖ୍ୟ ସୁଶିଳ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।



# ପ୍ରାକୃତିକ ଚିକିତ୍ସା ଦିବସ ପାଳିତ

ସମ୍ବଲପୁର : ଭାଲୁପାଲି ଛକସ୍ଥିତ ଦିବ୍ୟନୟନ ଯୋଗ ଓ ନେଚୁରୋପାଥି କେନ୍ଦ୍ରରେ ପଞ୍ଚମ ରାଷ୍ଟ୍ରୀୟ ପ୍ରାକୃତିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି । ଡାକ୍ତର ଜୟଦେବ ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପଙ୍କଜ ପଟେଲ ମୁଖ୍ୟ ଅତିଥି ଏବଂ ପ୍ରଫେସର ସୁଦର୍ଶନ ପୂଜାରୀ ସମ୍ମାନିତ ଅତିଥି ରୂପେ ଯୋଗଦେଇ ପ୍ରାକୃତିକ ଚିକିତ୍ସା ଶିବିରର ମହତ୍ତ୍ୱ ଓ ଉପକାରିତା ଉପରେ ଆଲୋକପାତ



କରିଥିଲେ । ଡାକ୍ତର ଅନମୋଲ ଗୌଡ, ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର, ଅଶୋକ ଜଲାନ, ଚନ୍ଦ୍ରକାନ୍ତ ପଣ୍ଡା, ଡକ୍ଟର ସହଦେବ ରଥ, ସୁବାଷ ପାଣିଗ୍ରାହୀ ପ୍ରମୁଖ ଭାଷଣ ଦେଇଥିଲେ । ଏହି ଅବସରରେ ଏକ ସାତଦିନିଆ ପ୍ରାକୃତିକ ଚିକିତ୍ସା ଶିବିରର ମଧ ଆୟୋଜନ ହୋଇଥିଲା ।

# ବିଜୁ ମହିଳା ଜନତା ଦଳର ରକ୍ତଦାନ ଶିବିର




ସମ୍ବଲପୁର : ବିଜୁ ମହିଳା ଜନତା ଦଳ ସମ୍ବଲପୁର ପକ୍ଷରୁ ଏକ ରକ୍ତଦାନ ଶିବିର ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାନେତ୍ରୀ ବନ୍ଦିତା ମିଶ୍ରଙ୍କ ନେତୃତ୍ୱରେ ତଥା ଜୀବନ ବିନ୍ଦୁ ମୋ ପରିବାରର ଜିଲ୍ଲା ସଂଯୋଜିକା କବିତା ପୁରୋହିତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିବିରକୁ ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ମୋଟ୍ ୩୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି ।

# ବଜରଙ୍ଗ ଦଳ ପକ୍ଷରୁ ରକ୍ତଦାନ ଶିବିର

ସମ୍ବଲପୁର : ମୁଦିପଡା ସ୍ଥିତ ଡକ୍ଟର ରାଧାନାଥ ରଥ କମ୍ୟୁନିଟି ସେଣ୍ଟର ଠାରେ ବଜରଙ୍ଗ ଦଳ ପକ୍ଷରୁ ଏକ ରକ୍ତଦାନ ଶିବିର



ଅନୁଷ୍ଠିତ ହୋଇଯାଇଛି । ପଶ୍ଚିମ ଓଡିଶା ପ୍ରାନ୍ତ ସଂଯୋଜକ ସୁଧିର ରଞ୍ଜନ ବହିଦାରଙ୍କ ନେତୃତ୍ୱରେ ଆୟୋଜିତ ଏହି ରକ୍ତଦାନ ଶିବିରକୁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରାନ୍ତ ସଂଘ ଚାଳକ ବିପିନ ବିହାରୀ ନନ୍ଦ ଉଦଘାଟନ କରିଥିଲେ । ଏଥିରେ ସମ୍ମାନିତ ଅତିଥି ଭାବେ ପ୍ରଦୀପ କୁମାର ବହିଦାର ଯୋଗ ଦେଇଥିଲେ । ଏହି ଶିବିରରେ ମୋଟ ୫୮ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା ।

# ସମ୍ବଲପୁର ଜିଲ୍ଲାସ୍ତରୀୟ ପ୍ରଧାନ ଶିକ୍ଷକ ସମ୍ମିଳନୀ

ସମ୍ବଲପୁର : ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲର ମନମୋହନ ପଟ୍ଟନାୟକ ପ୍ରେକ୍ଷାଳୟରେ ଆୟୋଜିତ ଜିଲାସ୍ତରୀୟ ପ୍ରଧାନଶିକ୍ଷକ ସମ୍ମିଳନୀ ଜିଲ୍ଲାପାଳ ଅନନ୍ୟା ଦାସଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଜିଲା ଶିକ୍ଷାଅଧିକାରୀ ମିନାରାଣୀ ମଙ୍ଗଳଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅର୍କ କୁମାର ଦାଶ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମୁରଲୀଧର ବେହେରା ଓ ଜୟଶ୍ରୀ ଦୋରା ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏମ୍. ବି.ଏ ବିଭାଗର ପ୍ରଫେସର ବିଶ୍ୱଜିତ ଶତପଥୀ ନେତୃତ୍ୱ ଓ ସମୟ ପରିଚାଳନା, ପ୍ରଫେସର ରବି ନାରାୟଣ ମିଶ୍ର ଇ ଲାଇବ୍ରେରୀ, ପୂର୍ବତନ ଜିଲ୍ଲା ଶିକ୍ଷାଧିକାରୀ ସୁବୋଧ କୁମାର ଦାଶ




ବିଦ୍ୟାଳୟରେ ବିତ୍ତିୟ ପରିଚାଳନା, ପ୍ରଫେସର ମୀନକେତନ ପାଠୀ ବିଦ୍ୟାଳୟ ଶୈକ୍ଷଣିକ ଉନ୍ନତି ଯୋଜନା ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏହି ଅବସରରେ ପ୍ରଦର୍ଶନ କଳା ଶିକ୍ଷକଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା । ଅସୀମ ପ୍ରଧାନ, ସନ୍ଧ୍ୟା ରାଣୀ ପୃଷ୍ଟି, ସ୍ୱାଗତିକା ପଣ୍ଡା, ଅବିନାଶ ସାହୁ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ । ଶେଷରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ଜୟଶ୍ରୀ ଦୋରା ଧନ୍ୟବାଦ ଦେଇଥିଲେ । ଏହି ସମ୍ମିଳନୀରେ ଜିଲ୍ଲାର ବିଭିନ୍ନ ସରକାରୀ ଓ ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ୧୯୮ ଜଣ ପ୍ରଧାନ ଶିକ୍ଷକ ଅଂଶ ଗ୍ରହଣ କରିଥିଲେ ।

# ଫଟୋଗ୍ରାଫର୍ସ ଆସୋସିଏସନ୍‌ର ବାର୍ଷିକ ଉତ୍ସବ

ସମ୍ବଲପୁର : ସମ୍ବଲପୁର ଫଟୋଗ୍ରାଫର୍ସ ଆସୋସିଏସନର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ପୂର୍ବଭାରତର ବରିଷ୍ଠ ଫଟୋଗ୍ରାଫର କୋଲକାତା ସୁଲତାନିଆ ଷ୍ଟୁଡିଓର ମାଲିକ ରାଜକୁମାର ସୁଲତାନିଆ ମୁଖ୍ୟଅତିଥି, ଓଡ଼ିଶା ଫଟୋଗ୍ରାଫର୍ସ ମହାସଂଘର ସଭାପତି ଏବଂ ରାଉରକେଲା ଫଟୋଗ୍ରାଫର୍ସ ଆସୋସିଏସନର ସଭାପତି ଅତୁଲ ସାଙ୍ଗଭି ମୁଖ୍ୟବକ୍ତା ଓ ଝାରସୁଗୁଡ଼ା ଜିଲା ଫଟୋଗ୍ରାଫର୍ସ ଆସୋସିଏସନର ସଭାପତି ଅଭୟ ଚରଣ ହୋତା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଦିବଙ୍ଗତ ଫଟୋଗ୍ରାଫର ଅଦେଲି ଭାଇ (ଏଭରେଷ୍ଟ ଷ୍ଟୁଡିଓ), ମାନଧାତା ସିଂ (କାନ୍ତା ଷ୍ଟୁଡିଓ), ପ୍ରସନ୍ନ କୁମାର ପଟେଲ (ସେଡ ଆଣ୍ଡ ଲାଇଟ୍) ଙ୍କ ପରିବାର



ବର୍ଗଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ଏହାସହ ସ୍ୱର୍ଗତ ସୁରେନ୍ଦ୍ର ମୋହନ ପ୍ରଧାନଙ୍କ ସ୍ମୃତିରେ ବରିଷ୍ଠ ଫଟୋଗ୍ରାଫର ଅରବିନ୍ଦ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ପାଦକ ସତ୍ୟଜିତ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିବାବେଳେ ସଭାପତି ଉମ୍ବରୁଧର ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ । ଶେଷରେ ସହସମ୍ପାଦକ ତପନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଆସୋସିଏସନ ଉପଦେଷ୍ଟା କମିଟିର ଆନନ୍ଦ ପ୍ରଧାନ, ଆଶିଷ ପ୍ରଧାନ, ଚଞ୍ଚଳ ବହିଦାର, ଶମ୍ଭୁ ପାଢ଼ୀ, ଅଶୋକ ପଟେଲ, ଅଶୋକ ରାଉତ ପ୍ରମୁଖଙ୍କ ସହ ଉପସଭାପତି ଅକ୍ଷୟ କୁମାର ପଣ୍ଡା, କୋଷାଧକ୍ଷ ମହମ୍ମଦ ଇକବାଲ, ଆୟୋଜନ ସମ୍ପାଦକ ମନୋଜ କାଶ୍ୟପ ପ୍ରମୁଖ ସହଯୋଗ କରିଥିଲେ ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra